# ଏକକ ୩ ଶିକ୍ଷା ଏକ ମୌଳିକ ଅଧିକାର

ଟିପ୍ପଣୀ

## ସଂରଚନା

୩.୦ ଉପକ୍ରମ

୩.୧ ଶିକ୍ଷଣ ଉଦ୍ଦେଶ୍ୟ

୩.୨ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ : ଅବଧାରଣା ଓ ଆବଶ୍ୟକତା

- ୩.୨.୧ ଭାରତୀୟ ସଂବିଧାନ ଅନୁଚ୍ଛେଦ-୪୫
- ୩.୨.୨ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ହାସଲ ହେବାର କାରଣ
- ୩.୨.୩ ୮୬ତମ ସମ୍ବିଧାନ ସଂଶୋଧନ
- ୩.୨.୪ ଶିକ୍ଷା ଅଧିକାର ନିୟମ (RTE), ୨୦୦୯
- ୩.୨.୫ ଶିଶୁର ଅଧିକାର

୩.୩ ଶିକ୍ଷକଙ୍କ ଭୂମିକା ଓ ଦାୟିତ୍ୱ

୩.୪ ବିଦ୍ୟାଳୟ ଶାସନ ଓ ପରିଚାଳନା

୩.୫ ପାଠ୍ୟକ୍ରମ ଏବଂ ମୂଲ୍ୟାୟନର ପ୍ରୟୋଜନିୟତା

୩.୬ ଶିକ୍ଷା ଅଧିନୀୟମ ୨୦୦୯ (RTE)ର ନିୟମାବଳୀ

- ୩.୬.୧ ପ୍ରାଥମିକତା
- ୩.୬.୨ ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷାପାଇଁ ଶିଶୁମାନଙ୍କର ଅଧିକାର
- ୩.୬.୩ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ
- ୩.୬.୪ ନଥିପତ୍ରର ରକ୍ଷଣାବେକ୍ଷଣ
- ୩.୬.୫ ବିଦ୍ୟାଳୟ ଓ ଶିକ୍ଷକମାନଙ୍କର ଦାୟିତ୍ୱ
- ୩.୬.୬ ବିଦ୍ୟାଳୟ ପରିଚାଳନା ସମିତି
- ୩.୬.୭ ଶିକ୍ଷକ
- ୩.୬.୮ ପାଠ୍ୟକ୍ରମ ଓ ପ୍ରାଥମିକ ଶିକ୍ଷାର ସମାପ୍ତି
- ୩.୬.୯ ଶିଶୁ ଅଧିକାର ସୁରକ୍ଷା

ଟିପ୍ପଣୀ

୩.୭ ସାରାଂଶ

୩.୮ ସହାୟକ ଗ୍ରନ୍ଥ ଏବ ପ୍ରବନ୍ଧ ସୂଚୀ

୩.୯ ପାଠାନ୍ତ ପ୍ରଶ୍ନାବଳୀ

## ୩.୦ ଉପକ୍ରମ

ତୁମ୍ଭେମାନେ ଜାଣ ଯେ ଶିକ୍ଷା ଯେକୌଣସି ଦେଶର ଉନ୍ନତିର ଚାବିକାଠି । ଶିକ୍ଷାର ମୂଳ ଲକ୍ଷ ହେଉଛି ଗୋଟିଏ ଶିଶୁର ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ୧୯୧୧ ଜନଗଣନା ଅନୁସାରେ ଭାରତର ସାକ୍ଷରତାର ହାର ଥିଲା ୭୪.୦୪, କେତେକ ରାଜ୍ୟ ଯଥା କେରଳରେ ସାକ୍ଷରତାର ହାର ସର୍ବାଧିକ ୯୩.୯ ଥିଲା, ଯେତେବେଳେ କି ବିହାର ଭଳି ରାଜ୍ୟରେ ଏହା ସର୍ବନିମ୍ନ ୬୩.୮ ପ୍ରତିଶତ ଥିଲା ।

ବିଭାଗ-୧ ଏବଂ ବିଭାଗ-୨ରେ ଶିକ୍ଷା ବିଷୟରେ ଥିବା ବିଭିନ୍ନ ଆୟୋଗ ଏବଂ କମିଟିଗୁଡ଼ିକର ସମିତିର ସୁପାରିଶ୍ ବିଷୟରେ ତୁମ୍ଭେମାନେ ପଢ଼ିସାରିଛ । ଏଥିସହିତ ତୁମ୍ଭେମାନେ ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମର ଅଭ୍ୟୁଦୟ ଓ NCF୨୦୦୫ର ଆଭିମୁଖ୍ୟ ବିଷୟରେ ମଧ୍ୟ ଜାଣିସାରିଛ । ଏହି ବିଭାଗରେ ଆମ୍ଭେମାନେ ଶିକ୍ଷା କିଭଳି ଶିଶୁମାନଙ୍କର ମୌଳିକ ଅଧିକାର ଭାବରେ ଆବିର୍ଭୁତ ହେଲା ତାହା ପଢ଼ିବାକୁ ଯାଉଅଛେ । ଆମ୍ଭେମାନେ ଏଠାରେ RTE ଆଇନ୍ ୨୦୦୯ର ବ୍ୟବସ୍ଥା ବିଷୟରେ ଆଲୋଚନା କରିବା ।

ମିଳିତ ଜାତିସଂଘ ଅଧିକାର ସଂକ୍ରାନ୍ତୀୟ ଦୁଇଟି ପ୍ରମୁଖ ଦସ୍ତାବିଜ୍ ପ୍ରକାଶ କରିଅଛି । ୧୯୪୮ରେ ପ୍ରକାଶିତ ଦସ୍ତାବିଜ୍ର ଶିରୋନାମା 'ମାନବ ଅଧିକାର ଘୋଷଣାନାମା' ଏବଂ ୧୯୫୯ରେ ଆଉ ଏକ ଦସ୍ତାବିଜ୍ ଯାହାର ଶିରୋନାମା 'ଶିଶୁ ଅଧିକାର ଘୋଷଣାନାମା' ପ୍ରକାଶ କରିଥିଲା । ଯଦିଓ ଆମ୍ଭେ ବର୍ତ୍ତମାନ ୨୧ତମ ଶତାବ୍ଦୀରେ ବାସ କରୁଅଛେ, ଆମେ ଜାଣିଛେ ଯେ ହଜାର ହଜାର ଲୋକ ଏବେ ମଧ୍ୟ ଦାରିଦ୍ର୍ୟରେ ଜୀବନଯାପନ କରିବାସହ ଆଧୁନିକତାର କୌଣସି ସୁବିଧା ସୁଯୋଗ ବିନା ବଞ୍ଚିବା ପାଇଁ ବାଧ୍ୟ ହେଉଛନ୍ତି । ସ୍ୱାଧୀନତା ପରେ ଶିକ୍ଷା କ୍ଷେତ୍ରରେ ବହୁଳ ଭାବରେ ବିସ୍ତାର ଆସିଥିଲେ ମଧ୍ୟ ଲକ୍ଷ ଲକ୍ଷ ଶିଶୁମାନେ

ଟିପ୍ପଣୀ

ବିଦ୍ୟାଳୟରେ ନାମ ଲେଖାଇ ପାରିନଥିଲେ । ଅଧାରୁ ପାଠ ଛାଡ଼ିବା (Drop-out), ଅପଚୟ (Wastage) ଏବଂ ନିଶ୍ଚଳତା (Stagnation) ର ହାର ମଧ୍ୟ ଅଧିକ ପରିମାଣରେ ବଢ଼ିଯାଇଥିଲା । ଏହିସବୁ କାରଣ ଦୃଷ୍ଟିରୁ ଭାରତୀୟ ସଂସଦ, ଶିକ୍ଷା ଅଧିକାର ଆଇନ ଅଗଷ୍ଟ ମାସ ୨୦୦୯ରେ ପାରିତ କରିଥିଲା ।

ଏହି ବିଭାଗରେ ଆମ୍ଭେମାନେ ଏହି ଆଇନ ବ୍ୟବସ୍ଥାଗୁଡ଼ିକ ଉପରେ ଅଧ୍ୟୟନ କରିବା ଏବଂ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ କରିବାର ଲକ୍ଷ ସାଧନ ପାଇଁ ଶିକ୍ଷକ ଭାବେ ଆମ୍ଭମାନଙ୍କର ଭୂମିକା ବିଷୟରେ ମଧ୍ୟ ପଢ଼ିବା ।

**୩.୧ ଶିକ୍ଷଣ ଉଦ୍ଦେଶ୍ୟ**

ଏହି ବିଭାଗଟିକୁ ପଢ଼ିସାରିଲା ପରେ ତୁମେ :

- ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଅର୍ଥଟିକୁ ବର୍ଣ୍ଣନା କରିବ ।
- ଭାରତୀୟ ସମ୍ବିଧାନ ଅନୁଚ୍ଛେଦ-୪୫ରେ ଉଲ୍ଲେଖିତ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଲକ୍ଷ ହାସଲ ନ ହେବାର କାରଣଗୁଡ଼ିକୁ ଆଲୋଚନା କରିବ ।
- ୮୬ତମ ସମ୍ବିଧାନ ସଂଶୋଧନ ୨୦୦୨ରେ ପ୍ରସ୍ତୁତ ବ୍ୟବସ୍ଥାଗୁଡ଼ିକ ପ୍ରକାଶ କରିବ ।
- ଶିଶୁ ଅଧିକାର ଆଇନ ସଂକ୍ରାନ୍ତ ମିଳିତ ଜାତିସଂଘର ଘୋଷଣାନାମା ମଧ୍ୟରେ ଥିବା ଶିଶୁ ଅଧିକାର ଆଇନ୍‌ଗୁଡ଼ିକୁ ବର୍ଣ୍ଣନା କରିବ ।
- ଶିକ୍ଷା ଅଧିକାର ବିଧି ୨୦୦୯ର ନିୟମ ଏବଂ ବ୍ୟବସ୍ଥାଗୁଡ଼ିକ ବିଷୟରେ ଆଲୋଚନା କରିବ ।
- ଶିକ୍ଷା ଅଧିକାର ବିଧି ୨୦୦୯ରେ ଥିବା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଶିକ୍ଷକମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ବର୍ଣ୍ଣନା କରିବ ।




- R.T.E ଆଇନର ଲକ୍ଷ ପୂରଣ କରିବା ପାଇଁ ଉପଯୁକ୍ତ ମୂଲ୍ୟାୟନ ପ୍ରକ୍ରିୟାଗୁଡ଼ିକ ବିଷୟରେ ବର୍ଣ୍ଣନା କରିପାରିବ ।
- R.T.E ଆଇନ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଉଦ୍ଦିଷ୍ଟ ଭାଗୀଦାରୀମାନଙ୍କର ଭୂମିକା ଓ ଦାୟିତ୍ୱଗୁଡ଼ିକ ବିଷୟରେ ବର୍ଣ୍ଣନା କରିପାରିବ ।

## ୩.୨ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ବିଷୟରେ ଅବଧାରଣା ଓ ଏହାର ଆବଶ୍ୟକତା

ତୁମେ ସମସ୍ତେ ଜାଣିଛ ଯେ, ପ୍ରାରମ୍ଭିକ ଶିକ୍ଷା ୬ ବର୍ଷରୁ ୧୪ ବର୍ଷ ବୟସର ପିଲାମାନଙ୍କ ଆବଶ୍ୟକତାକୁ ପୂରଣ କରେ । ଏଥିରେ ପ୍ରଥମଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ (୧ମରୁ ୫ମ - ନିମ୍ନ ପ୍ରାଥମିକ, ୫ମରୁ ୮ମ ଉଚ୍ଚ ପ୍ରାଥମିକ) । ପାଠପଢ଼ା ଅନ୍ତର୍ଗତ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଅର୍ଥ ଦେଶର ପ୍ରତ୍ୟେକ ଏବଂ ସମସ୍ତ ଶିଶୁ ପାଖରେ ଜାତି, ବର୍ଣ୍ଣ, ଧର୍ମ, ଜାତୀୟତା, ଲିଙ୍ଗ, ସାମାଜିକ ଓ ଆର୍ଥିକ ସ୍ଥିତି ନିର୍ବିଶେଷରେ ପ୍ରାରମ୍ଭିକ ଶିକ୍ଷା ପହଞ୍ଚାଇବା ।

ଶିକ୍ଷା, ସବୁ ପ୍ରକାରରେ ମାନବ ବିକାଶ ଏବଂ ଉନ୍ନତିର ମୂଳଦୁଆ । ଶିକ୍ଷାକୁ ମାନବ ସମସ୍ୟା ବିରୁଦ୍ଧରେ ଏକ ତୀକ୍ଷ୍ଣ ଅସ୍ତ୍ର ଏବଂ ଦୃଢ଼ ଢାଲ ବୋଲି ମଧ୍ୟ କୁହାଯାଏ । ଶିକ୍ଷାବିନା ମନୁଷ୍ୟ ଜୀବନ ଅର୍ଥହୀନ ଅଟେ । ଶିକ୍ଷା ମାଧ୍ୟମରେ ଆମେ ଜ୍ଞାନ ଆହରଣ ଏବଂ କୌଶଳ ଆହରଣ କରିଥାଉ, ଯାହାକି ଆମକୁ ଏକ ସଫଳ ଜୀବନ ଅତିବାହିତ କରିବାପାଇଁ ଯୋଗ୍ୟ କରାଇଥାଏ । ଭାରତ ହେଉଛି ଏକ ଗଣତାନ୍ତ୍ରିକ ଦେଶ ଏବଂ ନ୍ୟାୟ, ସମାନତା ଏବଂ ସ୍ୱାଧୀନତା ଆମ ସଂବିଧାନର ମୂଳତତ୍ତ୍ୱ । ତୁମେ ଏହି ମନ୍ତବ୍ୟ ସହିତ ନିଶ୍ଚିତ ରୂପେ ସହମତ ହେବ ଯେ, କୌଣସି ବ୍ୟକ୍ତି ବା ଶିଶୁଙ୍କୁ ଶିକ୍ଷାଲାଭ କରିବା ଅଧିକାରଠାରୁ ବଞ୍ଚିତ କରାଇବା ହେଉଛି ଏକ ବୃହତ୍ ଅନ୍ୟାୟ ଏବଂ ତେଣୁ କରି ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦେଶ ଭାରତରେ ଅନ୍ତତଃ ପ୍ରାରମ୍ଭିକ ଶିକ୍ଷା ସାର୍ବଜନୀନକରଣ କରିବା ମୁଖ୍ୟ ଆଧାର ହେବା ଆବଶ୍ୟକ ।

ଟିପ୍ପଣୀ

### ୩.୨.୧ ଭାରତୀୟ ସଂବିଧାନ ଅନୁଚ୍ଛେଦ - ୪୫

ଭାରତର ସଂବିଧାନ ମାନବ ବିକାଶର ପ୍ରତ୍ୟେକ କ୍ଷେତ୍ର ପ୍ରତି ଯତ୍ନବାନ । ସଂବିଧାନର ଅନୁଚ୍ଛେଦ ୪୫ରେ ୬ରୁ ୧୪ବର୍ଷ ବୟସର ଶିଶୁମାନଙ୍କୁ ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ତୁମେମାନେ ଏହା ଜାଣିଛ ଯେ, ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା । ପ୍ରତି ପଞ୍ଚବାର୍ଷିକ ଯୋଜନାର ଅଂଶବିଶେଷ । ସରକାରୀ, ବେସରକାରୀସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଘରୋଇ ଅନୁଷ୍ଠାନଗୁଡ଼ିକ ଏହି କାର୍ଯ୍ୟ ସହିତ ଜଡ଼ିତ । କିନ୍ତୁ ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିବାର ଲକ୍ଷ ସାଧନା ହାସଲ ଏବେ ବି ଅସମ୍ପୂର୍ଣ୍ଣ ।

### ୩.୨.୨ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଲକ୍ଷ ହାସଲ ନ ହେବାର କାରଣ :

ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଲକ୍ଷ ହାସଲ ନ ହେବାର କାରଣଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

| | |
|---|---|
| UEE ର ଲକ୍ଷ୍ୟ ହାସଲ ନ ହେବାର କାରଣ | ଜନସଂଖ୍ୟା ବିସ୍ଫୋରଣ |
| | ଦାରିଦ୍ର୍ୟତା |
| | କୃଷିଭିତ୍ତିକ ଆର୍ଥିକ ସ୍ଥିତି |
| | ଯୋଗାଯୋଗର ବ୍ୟବଧାନ |
| | ବେରୋଜଗାରୀ |
| | ଉତ୍ସାହ ସୃଷ୍ଟିର ଅଭାବନିୟତା |
| | ପାଠଛାଡ଼ିବା, ଅପଚୟ ଓ ନିଶ୍ଚଳତା |
| | ସଚେତନତାର ଅଭାବ |
| | ଲିଙ୍ଗଗତ ପକ୍ଷପାତିତା |
| | ଜୀବନରେ ଥିବା ଅସ୍ଥିରତା |
| | ଯୁଦ୍ଧକାଳିନଭିତ୍ତିରେ ଚେଷ୍ଟାର ଅଭାବ |

***ଚିତ୍ର-୧ : UEE ଲକ୍ଷ୍ୟ ହାସଲ ନ ହେବାର କାରଣ***

**ଜନସଂଖ୍ୟା ବିସ୍ଫୋରଣ :**

ଜନସଂଖ୍ୟାର ପରିମାଣାତ୍ମକ ବିସ୍ତାର ସତ୍ତ୍ୱେ ବିଦ୍ୟାଳୟ ଶିକ୍ଷା ଦେଶର ପ୍ରତ୍ୟେକ ଶିଶୁର ଦ୍ୱାର ଦେଶରେ ପହଞ୍ଚିପାରୁନାହିଁ । ବିକାଶର ହାର ଜନସଂଖ୍ୟା ବୃଦ୍ଧିହାରର ବହୁ ପଛରେ । ତୁମେ ଏହା ଜାଣ ଯେ, ଜନସଂଖ୍ୟାର ବିସ୍ଫୋରଣ ଆମ ଜୀବନର ସମସ୍ତ ଗତିପଥରେ ଅନେକ ସମସ୍ୟା ସୃଷ୍ଟି କରିଥାଏ ।

**ଦାରିଦ୍ର୍ୟତା :**

ହଜାର ହଜାର ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅସମର୍ଥ । ଜୀବନ ଅତିବାହିତ କରିବା ପାଇଁ ସେମାନଙ୍କ ପିଲାମାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥାଏ । ତେଣୁକରି, ସେମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ନଥାନ୍ତି । ଆମେ ଅନେକ ସମୟରେ ଦେଖିଥାଉ କେତେକ ଶିଶୁ ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି ।

**କୃଷିଭିତ୍ତିକ ଆର୍ଥିକ ସ୍ଥିତି :**

ଦାରିଦ୍ର୍ୟତା ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଅଭାବ ଯୋଗୁଁ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ନ ପଠାଇ ବାହାରେ କାମ କରିବାରେ ନିୟୋଜିତ କରାଇଥାନ୍ତି । ତୁମେମାନେ ଦେଖିଥିବ ଯେ ପିଲାମାନେ ସେମାନଙ୍କ ଅଭିଭାବକମାନଙ୍କ ସହିତ ଶ୍ରମିକ ଭାବରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ।

**ଯୋଗାଯୋଗରେ ଥିବା ବ୍ୟବଧାନ :**

ଦୂରବର୍ତ୍ତୀ, ପାହାଡ଼ିଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଲୋକ ଏବଂ ସରକାରୀ ଅନୁଷ୍ଠାନ ମଧ୍ୟରେ ଯୋଗାଯୋଗର ଅଭାବ ଥାଏ । ଏହିଭଳି ଅଞ୍ଚଳରେ ବସବାସ କରୁଥିବା ପିଲାମାନଙ୍କ ପାଇଁ ଶିକ୍ଷାକ୍ଷେତ୍ରରେ ପ୍ରବେଶ କରିବା ସହଜ ହୋଇନଥାଏ । ଏହିଭଳି ସମସ୍ୟାମୂଳକ ସ୍ଥାନମାନଙ୍କରେ ସ୍ଥାନୀୟ ଅନୁଷ୍ଠାନ ଏବଂ ବେସରକାରୀ ସଂସ୍ଥାମାନେ ମଧ୍ୟ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିପାରନ୍ତି ନାହିଁ, ଯଦ୍ଦ୍ୱାରା ପିଲାମାନେ

ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

**ବେରୋଜଗାରୀ**

ଅନେକ ଅଭିଭାବକମାନେ ଭାବନ୍ତି ଯେ ଶିକ୍ଷିତ ଯୁବକମାନେ ମଧ୍ୟ ବେକାର ରହୁଛନ୍ତି । ତେଣୁ ପିଲାମାନଙ୍କୁ ବିଦ୍ୟାଳୟ ପଠାଇବା ମଧ୍ୟ ବେକାର । ଯଦିଓ ତୁମେ ଜାଣ ଯେ ଏହି ମନ୍ତବ୍ୟଟି ଠିକ୍ ନୁହେଁ ତଥାପି ଶିକ୍ଷକ ହିସାବରେ ଏଭଳି ନକାରାତ୍ମକ ଚିନ୍ତାଧାରାକୁ ବଦଳାଇବା ପାଇଁ ତୁମକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।

**ଉତ୍ସାହ ସୃଷ୍ଟି କରିବାରେ ଅଭାବନିୟତା**

ଯଦିଓ ସରକାର ବିଦ୍ୟାଳୟକୁ ଯାଇଥିବା ଶିଶୁମାନଙ୍କୁ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ଯଥା, ମାଗଣାରେ ପଢ଼ିବା, ବୃତ୍ତି ଓ ଅନ୍ୟାନ୍ୟ ସୁବିଧାମାନ ଯୋଗାଉଛନ୍ତି ତଥାପି ଅଭିଭାବକଙ୍କ ମଧ୍ୟରେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଉପଯୁକ୍ତ ଭାବରେ ଉତ୍ସାହିତ କରାଯାଇରୁନାହାନ୍ତି । ପ୍ରୋତ୍ସାହନର ଅଭାବ ଯୋଗୁଁ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ଉପସ୍ଥାନ ବୃଦ୍ଧି ହେଉନାହିଁ ।

**ଅଧାରୁ ପାଠ ଛାଡ଼ିବା, ଅପଚୟ ଏବଂ ନିଶ୍ଚଳତା :**

ଆମେ ଅନେକ ସମୟରେ ଅନୁଭବ କରିଥାଉ ଯେ ଯଦିଓ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି, ତଥାପି କେତେକ କାରଣ ଯୋଗୁଁ ସେମାନେ ଅଧାରୁ ପାଠ ଛାଡ଼ି ଦେଇଥାନ୍ତି । ପିଲାମାନେ ପ୍ରାଥମିକସ୍ତର ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରିବାର ଅପଚୟ ଓ ନିଶ୍ଚଳତା ଅନେକ ବାଧା ସୃଷ୍ଟି କରିଥାଏ ।

**ସଚେତନତାର ଅଭାବ ଓ ଅଜ୍ଞତା :**

ଶିକ୍ଷାର ମୂଲ୍ୟ ବିଷୟରେ ଅଜ୍ଞତା ହେଉଛି ଏକ ଅଭିଶାପ । ଆମ ସମାଜରେ, ଅନେକ ଅଭିଭାବକ ମଣିଷ ଜୀବନରେ ଶିକ୍ଷାର ଗୁରୁତ୍ୱ କ'ଣ ତାହା ହୃଦୟଙ୍ଗମ କରିପାରନ୍ତି ନାହିଁ ଏବଂ ଏହା କେବଳ ଅଜ୍ଞତା କାରଣରୁ ସେମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ନଥାନ୍ତି ।

**ଲିଙ୍ଗ ପକ୍ଷପାତିତା :**

ଅନେକ ରାଜ୍ୟରେ ପୁରୁଷ ସାକ୍ଷରତା ହାର ମହିଳା ସାକ୍ଷରତାର ହାର ବହୁତ କମ୍ । କେତେକ ସମାଜରେ ଲିଙ୍ଗ ପକ୍ଷପାତିତାର ପ୍ରାର୍ଦୁଭାବ ଅଧିକ । ଆମେ ଅନେକ ସମୟରେ ଦେଖିଥାଉ ଯେ ଶିକ୍ଷା କେବଳ ପୁଅମାନଙ୍କୁ ଦିଆଯାଇଥାଏ ଓ ଝିଅ ପିଲାମାନଙ୍କୁ ଅବହେଳା କରାଯାଇଥାଏ । ଶିକ୍ଷା ପରିବର୍ତ୍ତେ ସେମାନଙ୍କୁ ଦୈନନ୍ଦିନ ଗୃହ କାର୍ଯ୍ୟରେ ସାହାଯ୍ୟ କରିବାର ଦାୟିତ୍ୱ ଦିଆଯାଇଥାଏ ଏବଂ ଘରେ ଛୋଟ ଛୋଟ ଭାଇଭଉଣୀମାନଙ୍କର ଯତ୍ନ ମଧ୍ଯ ତୁଲାଇବାକୁ କୁହାଯାଏ ।

**ଜୀବନର ସ୍ଥିରତାରେ ଅଭାବ :**

ଅନେକ ଆଦିବାସୀ ଅଧ୍ୟୁଷିତ ଜନଜାତି ଓ ଯାଯାବରମାନେ ଆଜି ଗୃହଶୂନ୍ୟ ଏବଂ ଜୀବିକା ନିର୍ବାହ କରିବା ପାଇଁ ଗୋଟିଏ ସ୍ଥାନରୁ ଏକ ସ୍ଥାନକୁ ଘୂରିବୁଲୁଥାନ୍ତି । କେତେକ ଶ୍ରମିକମାନଙ୍କଠାରେ ମଧ୍ୟ ସ୍ଥାୟୀ ଜୀବନଯାପନର ଅଭାବ ପରିଲକ୍ଷିତ ହୁଏ । ଅନେକ ପିଲାମାନେ ଅନାଥ । ଆମେ ଏହା କଳ୍ପନା କରିପାରିବା ଯେ ଏହିଭଳି ଘଟଣାରେ ଶିକ୍ଷା ଲାଭ କରିବା ଏକ ଦୁଃସ୍ୱପ୍ନ ।

**ଯୁଦ୍ଧକାଳୀନ ଭିତ୍ତିରେ ଚେଷ୍ଟାର ଅଭାବ :**

ଅନେକ ସମୟରେ ଆବଶ୍ୟକତା ପୂରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଇଥାଏ । କିନ୍ତୁ ପ୍ରାରମ୍ଭିକ ଶିକ୍ଷା ସଫଳ ଜୀବନଯାପନର ମୂଳଦୁଆ ପକାଉଥିବା ଦୃଷ୍ଟିରୁ UEE ପାଇଁ ଚେଷ୍ଟା ଯୁଦ୍ଧକାଳୀନ ଭିତ୍ତିରେ ହେବା ଜରୁରୀ ।

ଟିପ୍ପଣୀ

**କ୍ରିୟାକଳାପ-୧**

୧. ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଲକ୍ଷ ସାଧନ ନହେବାର ଅନ୍ତତଃ ତିନୋଟି ଅଧିକ କାରଣ ଉଲ୍ଲେଖ କର ।

.......................................................................................

.......................................................................................

.......................................................................................

୨. ସାକ୍ଷର ଏବଂ ନିରକ୍ଷର ଜୀବନ ଶୈଳୀ ମଧ୍ୟରେ କୌଣସି ପାର୍ଥକ୍ୟ ନିରୀକ୍ଷଣ କରିଛ କି ?

ନିମ୍ନଲିଖିତ ଦୃଷ୍ଟିକୋଣରୁ ବ୍ୟକ୍ତିମାନଙ୍କ ସାକ୍ଷର ଓ ନିରକ୍ଷର ମଧ୍ୟରେ କେଉଁ ପ୍ରକାରର ପ୍ରଭେଦ ତୁମେ ନିରୀକ୍ଷଣ କରିଛ (ତୁମର ନିରୀକ୍ଷଣଗୁଡ଼ିକୁ ଲିପିବଦ୍ଧ କର)

- ଜୀବନ ଶୈଳୀର ମନୋଭାବ
- ସାମାଜିକ ପରିପକ୍ୱତା
- ଜ୍ଞାନର ସ୍ତର
- ଆର୍ଥିକ ସ୍ଥିତି
- ଶିଶୁମାନଙ୍କର ଶିକ୍ଷାଗତ ସ୍ଥିତି
- ପରିବାରର ଆକାର
- ଜୀବନଧାରଣର ମାନଦଣ୍ଡ

.......................................................................................

.......................................................................................

.......................................................................................

ଟିପ୍ପଣୀ

### ୩.୨.୩ ଛୟାଅଶୀତମ ସାମ୍ବିଧାନିକ ସଂଶୋଧନ

୨୦୦୨ ମସିହାରେ ଭାରତୀୟ ସାଂସଦ ଦ୍ୱାରା ୮୬ତମ ସାମ୍ବିଧାନିକ ସଂଶୋଧନ ପ୍ରଣୟନ କରାଯାଇଥିଲା ।

ସଂବିଧାନ (ଛୟାଅଶୀତମ ସଂଶୋଧନ) ଆଇନ୍, ୨୦୦୨ ।

୧. ସଂକ୍ଷିପ୍ତ ନାମ ପତ୍ର ଏବଂ ପ୍ରାରମ୍ଭ : ଏହି ବିଧି ବା ଆଇନ୍‌କୁ ସଂବିଧାନ (ଛୟାଅଶୀତମ ସଂଶୋଧନ) ଆଇନ୍, ୨୦୦୨ ମଧ୍ୟ କୁହାଯାଏ । ଏହି ଆଇନ୍‌ଟି ଯେଉଁଦିନଠାରୁ ସରକାରଙ୍କ ଦ୍ୱାରା ଗେଜେଟ୍‌ରେ ପ୍ରକାଶ କରାଯିବ ସେହିଦିନଠାରୁ ଏହା କାର୍ଯ୍ୟକାରୀ କରାଯିବ ।

୨. ନୂତନ ଅନୁଚ୍ଛେଦ ୨୧(କ) ର ଅର୍ନ୍ତଭୁକ୍ତିକରଣ - ସମ୍ବିଧାନର ଅନୁଚ୍ଛେଦ ୨୧ର ସଂଶୋଧନ କରାଯାଇ, ୨୧(କ) ଶିକ୍ଷା ଅଧିକାର ପରେ ନିମ୍ନଲିଖିତ ଅନୁଚ୍ଛେଦଟି ଅବଶ୍ୟ ଅନ୍ତର୍ନିବିଷ୍ଟ ହେବ ଯଥା ! ଶିକ୍ଷା ଅଧିକାର - ୨୧ କ ଛଅରୁ ଆଇନ ନାମରେ ଏକ ନୂତନ ଅନୁଚ୍ଛେଦ ସମ୍ବିଧାନର ଅନୁଚ୍ଛେଦ ୨୧ସହ ସଂଯୋଗ କରାଗଲା, ଯାହା ବଳରେ ରାଜ୍ୟ ସରକାର ଛଅ ବର୍ଷରୁ ଚଉଦ ବର୍ଷ ବୟସର ଶିଶୁମାନଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବେ ।

**୩. ଅନୁଚ୍ଛେଦ ୪୫ ପାଇଁ ଆଉ ଏକ ନୂତନ ବିକଳ୍ପ :**

ସମ୍ବିଧାନର ୪୫ତମ ଅନୁଚ୍ଛେଦ ପାଇଁ ନିମ୍ନଲିଖିତ ଅନୁଚ୍ଛେଦଟିକୁ ବିକଳ୍ପ ଭାବେ ଗ୍ରହଣ କରାଗଲା । ଯଥା : ଛଅବର୍ଷରୁ ତଳକୁ ଥିବା ଶିଶୁମାନଙ୍କୁ ପ୍ରାକ୍ ଶୈଶବକାଳୀନ ଯତ୍ନ ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାର ବନ୍ଦୋବସ୍ତ ରହିଛି" ୪୫ । ପ୍ରତ୍ୟେକ ଶିଶୁକୁ ଛଅବର୍ଷ ବୟସ ପୂରଣ କରିବା ପର୍ଯ୍ୟନ୍ତ ପ୍ରାକ୍ ଶୈଶବକାଳୀନ ଯତ୍ନ ଏବଂ ଶିକ୍ଷା



ଟିପ୍ପଣୀ

ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଚେଷ୍ଟିତ ରହିବେ । ଛଅ ବର୍ଷରୁ ଚଉଦ ବର୍ଷର ସମସ୍ତ ଶିଶୁମାନଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୦୨ ମସିହାରେ ସଂବିଧାନର ୮୬ତମ ସଂଶୋଧନ ଅନୁମୋଦିତ ହୋଇଅଛି ।

ଏଥିସହିତ, ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା, ଶିଶୁ ଅଧିକାର, ଯାହାକୁ ସାଂସଦ ପାରିତ କରିଥିଲା ତାହା ୮୬ତମ ସଂଶୋଧନରେ ତାହା ପ୍ରଣୟନ କରିବାପାଇଁ ଘୋଷଣା କରାଯାଇଥିଲା ।

୨୦୦୨ରେ, ୮୬ ତମ ସଂଶୋଧନ ବିଧି ବା ଆଇନ୍ ମାଧ୍ୟମରେ ଅନୁଚ୍ଛେଦ ୨୧ (କ) ମଧ୍ୟ ପ୍ରଣିତ ହୋଇଥିଲା । ଏହି ଆଇନ୍ ପ୍ରାଥମିକ ଶିକ୍ଷାର ଅଧିକାରକୁ ସ୍ୱତନ୍ତ୍ର ଅଧିକାରର ଏକ ଅଂଶ ଭାବରେ ପରିଗଣିତ କରିଥିଲା । ଏଥିରେ ଏହା ମଧ୍ୟ ବର୍ଣ୍ଣିତ ଥିଲା ଯେ ରାଜ୍ୟ ସରକାର ଛଅରୁ ଚଉଦବର୍ଷ ବୟସର ଶିଶୁମାନଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବେ ।

ସଂବିଧାନର ଅନୁଚ୍ଛେଦ ୨୧ ଜୀବନର ସୁରକ୍ଷା ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତା ସହିତ ସଂପୃକ୍ତ ଅନୁଚ୍ଛେଦ ୨୧ ପରେ ପରେ ଅନୁଚ୍ଛେଦ ୨୧ (କ)କୁ ସାମିଲ୍ କରାଯାଇଥିଲା, ଅନୁଚ୍ଛେଦ ୨୧(କ), ୬ରୁ ୧୪ ବର୍ଷ ବୟସର ପିଲାମାନଙ୍କର ଶିକ୍ଷା ଅଧିକାରକୁ ଏକ ମୌଳିକ ଅଧିକାର ଭାବରେ ପରିଗଣିତ କରିଥିବାରୁ ତୁମ୍ଭେମାନେ ପ୍ରଶଂସା କରିବା ଉଚିତ୍ ।

ସଂବିଧାନର ଅନୁଚ୍ଛେଦ ୫୧ (କ) ରେ ନାଗରିକମାନଙ୍କର ୧୦ଟି ମୌଳିକ ଦାୟିତ୍ୱ ସମ୍ମିଳିତ ହୋଇଅଛି । ଏହି ସଂଶୋଧନ ବଳରେ ୧୧ଦଶ ମୌଳିକ କର୍ତ୍ତବ୍ୟ ସମ୍ମିଳିତ ହୋଇପାରିଅଛି, ଯାହାକୁ ନିମ୍ନ ଅର୍ଥରେ ବ୍ୟବହାର କରାଯାଉଅଛି, "୬ରୁ ୧୪ ବର୍ଷ ମଧ୍ୟରେ ଥିବା ତାଙ୍କ ଶିଶୁ ବା ପାଳିତ ଶିଶୁଟିକୁ ଶିକ୍ଷାର ସୁଯୋଗ ପ୍ରଦାନ କରିବା । ତେଣୁ କରି ବର୍ତ୍ତମାନ ନିଜର ଶିଶୁ / ପାଳିତ ଶିଶୁଙ୍କୁ ଶିକ୍ଷା ଦେବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ହୋଇଯାଇଛି ।

ଟିପ୍ପଣୀ

**କ୍ରିୟାକଳାପ-୨**

ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ସମ୍ବିଧାନ ୮୬ତମ ସଂଶୋଧନ କି ପ୍ରଭାବ ପକାଇଅଛି ବୋଲି ତୁମେ ଭାବୁଛ ?

.....................................................................................

.....................................................................................

.....................................................................................

### ୩.୨.୪ ଶିକ୍ଷା ଅଧିକାର ଆଇନ୍ (R.T.E) ୨୦୦୯

୨୬ ଅଗଷ୍ଟ ୨୦୦୯ରେ ଭାରତୀୟ ସଂସଦ ଶିକ୍ଷା ଉପରେ ଏକ ଐତିହାସିକ ଆଇନ୍ ପାରିତ କରିଥିଲା । ଯଥା- ଶିକ୍ଷା ଅଧିକାର ଆଇନ୍ ୨୦୦୯, ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଲକ୍ଷ ସାଧନର ଅସଫଳତା ଦୃଷ୍ଟିକୋଣରୁ ଭାରତ ସରକାରଙ୍କ ତରଫରୁ ଏହା ଏକ ବହୁ ପ୍ରତିକ୍ଷୀତ ପଦକ୍ଷେପ । କିନ୍ତୁ ଏହା ଜାଣି ତୁମେ ଆଶ୍ଚର୍ଯ୍ୟ ହେବ, ଏହି ଆଇନ୍‌ଟି ବହୁ ବର୍ଷ ପୂର୍ବରୁ କୋହ୍ଲାପୁର (ମହାରାଷ୍ଟ୍ର)ରେ ଛତ୍ରପତି ସାହୁ ମହାରାଜଙ୍କ ଦ୍ୱାରା ୧୯୦୨ ମସିହାରୁ ୬ରୁ ୧୪ ବର୍ଷ ବୟସର ପିଲାମାନଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ଆଇନଟି ଗଠିତ ଓ କାର୍ଯ୍ୟକାରୀ ହୋଇସାରିଥିଲା । ୧୯୧୮ରେ ଭିଥାଲ ଭାଇ ପଟେଲ ଗୋଟିଏ ଆଇନ୍ ପ୍ରଣୟନ କରି, ସେହିଦିନଠାରୁ ପ୍ରାରମ୍ଭିକ ଶିକ୍ଷାକୁ ସମସ୍ତ ପୌର ପରିଷଦ ବମ୍ବେ ରାଜ୍ୟରେ ବାଧ୍ୟତାମୂଳକ କରାଇଥିଲେ । ମହାତ୍ମାଗାନ୍ଧୀଙ୍କ ଶିକ୍ଷାର ମୂଳପଦ୍ଧତି ବା ୱାର୍ଦ୍ଧାର ଶିକ୍ଷା ଯୋଜନା ପଦ୍ଧତି (୧୯୩୭) ମଧ୍ୟ ପିଲାମାନଙ୍କ ପାଇଁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାର ପକ୍ଷ ସମର୍ଥନ କରିଥିଲା । ମହାତ୍ମାଗାନ୍ଧୀଙ୍କର ଉକ୍ତ ଯୁକ୍ତି "ପ୍ରତ୍ୟେକ ବ୍ୟକ୍ତିଙ୍କର ମୁକ୍ତପବନ ଓ ପାଣି ଉପରେ ଅଧିକାର ଅଛି, ସମାନ୍ ଭାବରେ ପ୍ରତିଟି ଓ ସମସ୍ତ ଶିଶୁମାନେ ନିଶୁଳ୍କ ଶିକ୍ଷା ପାଇବା ଉଚିତ୍ ଏବଂ ଶିଶୁମାନଙ୍କର କଲ୍ୟାଣ ପ୍ରତି ଧ୍ୟାନ ଦେବା ସମାଜ ଓ ସରକାରଙ୍କର କର୍ତ୍ତବ୍ୟ ଅଟେ ।

ଶିଶୁ ଅଧିକାର ୧୯୫୯ ମିଳିତ ଜାତିସଂଘ ଘୋଷଣାନାମାରେ ଆମ ଦେଶ ଏକ ଅଂଶୀଦାର ଅଟେ । ତଦନୁସାରେ ଏହା ୧୯୭୪ରେ ଶିଶୁମାନଙ୍କ ଉପରେ ଏକ ରାଷ୍ଟ୍ରୀୟ ନୀତି ଭାରତ ଅବଲମ୍ବନ କରିସାରିଛି । ୟୁନିସେଫ୍ ବିବରଣୀ (୨୦୦୫) ଶିରୋନାମା : "ଶୈଶବ ଏବେ ଆଶଙ୍କାପୂର୍ଣ୍ଣ ଅବସ୍ଥାରେ *(Childhood under Threat)*" ଯାହା ଉଲ୍ଲେଖ କରେ ଭାରତରେ ୫ବର୍ଷ ଏବଂ ୧୪ବର୍ଷ ମଧ୍ୟରେ ୭୨ ନିୟୁତ ଶିଶୁ ମୌଳିକ ଶିକ୍ଷାର ସୁବିଧା ପାଇପାରୁନାହାନ୍ତି । ଶିଶୁ ଅଧିକାରଗୁଡ଼ିକୁ ନିଶ୍ଚିତ କରିବା ଓ ମିଳିତ ଜାତିସଂଘ ଘୋଷଣାକୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରି ଭାରତ ସରକାର ଶିଶୁ ଅଧିକାରକୁ ସୁରକ୍ଷା ଦେବା ପାଇଁ ରାଷ୍ଟ୍ରୀୟ କମିଶନ ଗଠନ କରିଥିଲା । ପ୍ରତ୍ୟେକ ଶିଶୁଙ୍କର ବଞ୍ଚିବାର ଅଧିକାର, ବିକାଶମ୍କ ଅଧିକାର ଓ ଅଂଶଦାନ କରିବାର ଅଧିକାର ରହିଛି । ଦାୟିତ୍ୱବାନ୍ ନାଗରିକ ଭାବରେ, ଅଧିକନ୍ତୁ ଶିକ୍ଷକ ଭାବରେ ଶିଶୁ ଅଧିକାର ଗୁଡ଼ିକୁ ସୁରକ୍ଷା ଦେବାର ମୁଖ୍ୟ ଦାୟିତ୍ୱ ଆମ୍ଭମାନଙ୍କର ଅଟେ ।

ଶିକ୍ଷା ଅଧିକାର ଆଇନ୍‌ର ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକୁ ପ୍ରାଞ୍ଜଳ ଭାବରେ ତୁମେ ଏବେ ପଢ଼ିବ :

- ଶିଶୁମାନଙ୍କର ଅଧିକାର
- ଶିକ୍ଷକମାନଙ୍କର ଭୂମିକା ଓ ଦାୟିତ୍ୱ
- ବିଦ୍ୟାଳୟ ତତ୍ତ୍ୱାବଧାନ ଓ ପରିଚାଳନା
- ପାଠ୍ୟକ୍ରମ ଏବଂ ମୂଲ୍ୟାୟନ ଅର୍ନିବାର୍ଯ୍ୟତା

### ୩.୨.୫. ଶିଶୁ ଅଧିକାର

ଶିଶୁ ଅଧିକାର ଉପରେ ମିଳିତ ଜାତିସଂଘର ଘୋଷଣାନାମା ଅନୁସାରେ କେତେକ ପ୍ରମୁଖ ଅଧିକାରଗୁଡ଼ିକ ନିମ୍ନରେ ଦିଆଗଲା ।

ଟିପ୍ପଣୀ

| | |
|---|---|
| ଶିଶୁ | ବଞ୍ଚିରହିବାର ଅଧିକାର |
| ମାନଙ୍କର | ସ୍ୱାସ୍ଥ୍ୟ ଓ ଯତ୍ନ ଉପରେ ଅଧିକାର |
| ଅଧିକାର | ଜାତୀୟତାଭାବ ଅଧିକାର |
| | ପୁଷ୍ଟିସାଧନ ଉପରେ ଅଧିକାର |
| | ଶିକ୍ଷା ଅଧିକାର |
| | ଶୋଷଣଠାରୁ ସୁରକ୍ଷା ପାଇବାର ଅଧିକାର |
| | ଭାବପ୍ରକାଶ କରିବାର ଅଧିକାର |
| | ଅବହେଳାଠାରୁ ସୁରକ୍ଷା ପାଇବାର ଅଧିକାର |
| | ଅଭିଭାବକଙ୍କ ସହିତ ରହିବାର ଅଧିକାର |
| | ସୂଚନା ପାଇବାର ଉପରେ ଅଧିକାର |

***ଚିତ୍ର-୨ : ଶିଶୁ ଅଧିକାର***

- ପ୍ରତ୍ୟେକ ଶିଶୁଙ୍କର ୬ରୁ ୧୪ ବର୍ଷ ବୟସ ମଧ୍ୟରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପର୍ଯ୍ୟନ୍ତ ଘର ପାଖରେ ଥିବା ବିଦ୍ୟାଳୟମାନଙ୍କରେ ନିଃଶୁଳ୍କ ଓ ବାଧ୍ୟତାମୂଳକ ଭାବରେ ପଢ଼ିବାର ଅଧିକାର ରହିଛି ।
- ପ୍ରାରମ୍ଭିକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ କୌଣସି ଶିଶୁ କୌଣସି ପ୍ରକାରର ଶୁଳ୍କ ପଇଠ କରିବା ପାଇଁ ଦାୟୀ ହେବେ ନାହିଁ । ପଇସା ପାଇଁ କୌଣସି ପିଲା ବିଦ୍ୟାଳୟରେ ନାମ ଲେଖାଇବାଠାରୁ ଯେଭଳି ବଞ୍ଚିତ ନ ହୁଅନ୍ତି ତାହା ଆମ୍ଭେମାନେ ଭଲ ଭାବରେ ଦେଖିବା ଉଚିତ୍ ।
- କୌଣସି କାରଣ ବଶତଃ, ଯଦି ୬ ବର୍ଷରୁ ଉର୍ଦ୍ଧ୍ୱ ପିଲାଟି ତାର ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିପାରୁନାହିଁ ତେବେ ତାର ବୟସ ଅନୁସାରେ ଉଦ୍ଦିଷ୍ଟ ଶ୍ରେଣୀରେ ନାମ ଲେଖାଇବାକୁ ସୁଯୋଗ ପାଇପାରିବ ।

ଟିପ୍ପଣୀ

- ଯେଉଁ ବିଦ୍ୟାଳୟରେ ପିଲାଟି ନାମ ଲେଖାଇଛି ସେଠାରେ ଯଦି ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପାଇଁ ସୁବିଧା ନଥାଏ ତେବେ ପିଲାଟି ଯେଉଁ ବିଦ୍ୟାଳୟରେ ଉକ୍ତ ସୁବିଧାମାନ ଉପଲବ୍ଧ, ସେହିଁ ବିଦ୍ୟାଳୟକୁ ବଦଳି କରିବା ପାଇଁ ଆବେଦନ କରିପାରିବ ଏବଂ ଏହା ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ଉକ୍ତ ପିଲାଟିକୁ ଗୋଟିଏ ବିଦ୍ୟାଳୟରୁ ଚାହୁଁଥିବା ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରିବାରେ ପୂର୍ଣ୍ଣ ସହଯୋଗ କରିବା ।
- ଯଦି ପିଲାଟି କୌଣସି କାରଣବଶତଃ ଗୋଟିଏ ବିଦ୍ୟାଳୟରୁ ରାଜ୍ୟ ମଧ୍ୟରେ ବା ବାହାର ରାଜ୍ୟକୁ ଯିବାକୁ ଆବଶ୍ୟକ କରୁଥାଏ, ତେବେ ତାହାର ନିଜ ଇଚ୍ଛାରେ ବିଦ୍ୟାଳୟରୁ ବଦଳିପାଇଁ ଆବେଦନ କରିବାର ପୂର୍ଣ୍ଣ ଅଧିକାର ରହିଛି । ଶିକ୍ଷକ ଭାବରେ, ସେହିଭଳି କ୍ଷେତ୍ରରେ ପିଲାଟିକୁ ସାହାଯ୍ୟ କରିବା ଆମ୍ଭମାନଙ୍କର ଉଚିତ୍ ।
- ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବା ମୁଖ୍ୟ ପିଲାଟିକୁ ବଦଳି ପ୍ରମାଣପତ୍ର ପ୍ରଦାନ କରିପାରିବେ । ବଦଳି ପ୍ରମାଣପତ୍ର ପ୍ରଦାନ କରିବାରେ ବିଳମ୍ବ କଲେ, ଚାକିରୀ ନିୟମ ଅନୁସାରେ ତାଙ୍କୁ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନର ସମ୍ମୁଖିନ ହେବାକୁ ପଡ଼ିବ ।
- ବୟସ ପ୍ରମାଣପତ୍ର ନଥିଲେ କୌଣସି ପିଲାକୁ ବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ । ଯଦି ସମ୍ଭବ ପିଲାଟି କିଭଳି ତାର ବୟସ ପ୍ରମାଣପତ୍ର ପାଇପାରିବ ସେଥିରେ ଆମ୍ଭେମାନେ ତାକୁ ସାହାଯ୍ୟ କରିବା ଉଚିତ୍, ଏହା ପିଲାଟିକୁ ଭବିଷ୍ୟତରେ ସାହାଯ୍ୟ କରିବ ।
- ନାମଲେଖାର ଶେଷ ତାରିଖ ପରେ ମଧ୍ୟ ଯଦି ପିଲାଟି ନାମ ଲେଖାଇବାକୁ ଚାହେଁ, ତେବେ ସେଥିରୁ ତାକୁ ବଞ୍ଚିତ କରାଯିବ ନାହିଁ ଏବଂ ଆବଶ୍ୟକ ଅନୁଯାୟୀ ପିଲାଟିକୁ ପାଠ ସମାପ୍ତ କରିବାରେ ପୂର୍ଣ୍ଣ ସହଯୋଗ କରିବା ଆମର କର୍ତ୍ତବ୍ୟ ।
- ବିଦ୍ୟାଳୟରେ ନାମ ଲେଖାଇଥିବା କୌଣସି ପିଲା ପ୍ରାରମ୍ଭିକ ଶିକ୍ଷା ପୂରଣ ନ କରିବା ପର୍ଯ୍ୟନ୍ତ ତାକୁ ଶ୍ରେଣୀରେ ପୁନଃର୍ବାର ରଖାଯାଇପାରିବ କିମ୍ବା
- ଆମ୍ଭେମାନେ କୌଣସି ପିଲାକୁ ଶାରୀରିକ ବା ମାନସିକ ଯନ୍ତ୍ରଣା ଦେଇପାରିବା ନାହିଁ ।

ଟିପ୍ପଣୀ

**କ୍ରିୟାକଳାପ-୩ :**

ଶିଶୁମାନଙ୍କର ଏହିସବୁ ଅଧିକାରଗୁଡ଼ିକୁ ଯତ୍ନର ସହିତ ପଢ଼ ଏବଂ ତୁମର ନୀରିକ୍ଷଣ ଉପରେ ଆଧାର କରି ତୁମ କ୍ଷେତ୍ର / ବିଦ୍ୟାଳୟ / ଶ୍ରେଣୀଗୃହରେ ଏହି ସବୁ କେତେଦୂର ଅନୁକରଣ କରାଯାଉଛି, ତାହା ବର୍ଣ୍ଣନା କର ।

- ଶିଶୁ ଅଧିକାରଗୁଡ଼ିକୁ ଉଲଘଂନ କରିବାର କାରଣଗୁଡ଼ିକ ଉଲ୍ଲେଖ କର ।
- ତୁମ ଅଞ୍ଚଳରେ କେଉଁ ଶିଶୁ ଅଧିକାର ଗୁଡ଼ିକ ଉଲଘଂନ କରାଯାଉଛି ତାର ଏକ ତାଲିକା ପ୍ରସ୍ତୁତ କର ।
- ଉକ୍ତ ସ୍ଥାନ (ହୋଟେଲ, ଦୋକାନ, ଫାର୍ମ, ବଜାର ଇତ୍ୟାଦି)ମାନଙ୍କ ପାଖକୁ ଯାଅ, ଯେଉଁଠାରେ ଶିଶୁ ସୁରକ୍ଷା ଅଧିକାରଗୁଡ଼ିକୁ ଉଲଘଂନ କରାଯାଉଛି, ଉକ୍ତ ସ୍ଥାନରେ କାର୍ଯ୍ୟ କରୁଥିବା ଶିଶୁମାନଙ୍କ ସହିତ କଥାବାର୍ତ୍ତା କର ଏବଂ ତୁମର ନୀରିକ୍ଷଣ ଲିପିବଦ୍ଧ କର ।
- ଲୋକମାନଙ୍କ ମଧ୍ୟରେ ଶିଶୁ ଅଧିକାର ଆଇନ ବିଷୟରେ ସଚେତନତା ଜାଗ୍ରତ କରିବା ପାଇଁ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କର ।
- 'ଶିଶୁ ଅଧିକାର' ଉପରେ ପଥପ୍ରାନ୍ତ ନାଟକ ପାଇଁ ମୂଳଲେଖା ପ୍ରସ୍ତୁତ କର ଓ ତୁମେ ଛାତ୍ରଛାତ୍ରୀମାନଙ୍କୁ ନେଇ ଗୋଟିଏ ପଥପ୍ରାନ୍ତ ନାଟକ ପରିବେଷଣ କର ।

**୩.୩ ଶିକ୍ଷକଙ୍କ ଭୂମିକା ଓ ଦାୟିତ୍ୱ :**

ତୁମେମାନେ ଜାଣ ଯେ ସୂଚାରୁ ରୂପେ ଗୋଟିଏ ବିଦ୍ୟାଳୟ ଚଳାଇବା ପାଇଁ ଶିକ୍ଷକଙ୍କ ଭୂମିକା ମୁଖ୍ୟ ଅଟେ । ଏହା ଏକ ଅନୁଭୂତିପୂର୍ଣ୍ଣ ଘଟଣା ଯେ ବିଦ୍ୟାଳୟରେ ଶିକ୍ଷକ ଯେମିତି ଥିବେ ବିଦ୍ୟାଳୟଟି ମଧ୍ୟ ସେମିତି ହେବ । ଶିକ୍ଷା ଅଧିନିୟମ (RTE) ଅନୁଯାୟୀ ଶିକ୍ଷକଙ୍କ ଭୂମିକା ନିମ୍ନରେ ଦିଆଗଲା ।

- ବିଦ୍ୟାଳୟ ଉପସ୍ଥାନରେ ତୁମକୁ ନିୟମାନୁବର୍ତ୍ତିତା ଓ ସମୟାନୁବର୍ତ୍ତିତା ବଜାୟ ରଖିବାକୁ ପଡ଼ିବ ।





- ନିର୍ଦ୍ଦିଷ୍ଟ କରାଯାଇଥିବା ସମୟସୀମା ଭିତରେ ସମସ୍ତ ପାଠ୍ୟକ୍ରମ ତୁମକୁ ସମାପ୍ତ କରିବାକୁ ପଡ଼ିବ ।
- ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତାକୁ ନିର୍ଦ୍ଧାରଣ କରିବା ଏବଂ ତଦନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଲାଭ ପାଇଁ ସୁଯୋଗ ପ୍ରଦାନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।
- ଶିକ୍ଷକ ଭାବରେ ତୁମକୁ ଛାତ୍ରଛାତ୍ରୀମାନଙ୍କର ଅଭିଭାବକ / ତତ୍ତ୍ୱାବଧାରକମାନଙ୍କ ସହିତ ନିୟମିତ ଭାବରେ ବୈଠକ କରିବାକୁ ପଡ଼ିବ ଏବଂ ସେମାନଙ୍କୁ ସେମାନଙ୍କର ପିଲାଟିର ସାମଗ୍ରିକ ବିକାଶ ଏବଂ ଉନ୍ନତି ବିଷୟରେ ଜଣାଇଦେବା ଆବଶ୍ୟକ ।
- ଶିକ୍ଷକ ଭାବରେ ପିଲାଟିର ସମସ୍ତ ଡର, ଭୟ, ଦୁଶ୍ଚିନ୍ତାଠାରୁ ପିଲାଟିକୁ ମୁକ୍ତ କରିବାରେ ସମସ୍ତ ପ୍ରକାରର ସାହାଯ୍ୟ ପାଇଁ ହାତ ବଢ଼ାଇବା ତୁମର ଦାୟିତ୍ୱ, ବିସ୍ତୃତ ଏବଂ ନିରନ୍ତର ମୂଲ୍ୟାୟନ ପଦ୍ଧତିକୁ ଯତ୍ନର ସହିତ ତୁମକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ ଏବଂ ତାର ଶାରୀରିକ ଓ ମାନସିକ ବିକାଶ ପାଇଁ ଯତ୍ନବାନ କରିବାକୁ ପଡ଼ିବ । ସଂକ୍ଷିପ୍ତରେ, ପିଲାଟିର ସର୍ବାଙ୍ଗୀନ ବିକାଶ ତୁମଠାରୁ ଆଶା କରାଯାଏ ।
- ଯଦି ତୁମେ ତୁମ କର୍ତ୍ତବ୍ୟରେ ଅବହେଳା କର ତେବେ ତୁମକୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖିନ ହେବାକୁ ପଡ଼ିବ ।
- ତୁମକୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱ କେବଳ ସମ୍ପାଦନ କଲେ ଶିକ୍ଷା ଅଧିକାରର ଲକ୍ଷ ସାଧନ କରିବାରେ ତୁମକୁ ସାହାଯ୍ୟ କରିବ ନାହିଁ । ଏହା ପରିବର୍ତ୍ତେ ତୁମକୁ ଶିକ୍ଷା ଅଧିକାରର ଏକ ବଡ଼ ସହଯୋଗୀ ହୋଇ ବାହାରିବାକୁ ପଡ଼ିବ ଏବଂ ଶିକ୍ଷା ଅଧିନୀୟମ ୨୦୦୯ର ବ୍ୟବସ୍ଥା ଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରାଇବା ପାଇଁ ତୁମକୁ ଏକ ସକ୍ରିୟ ପ୍ରତିନିଧି ହୋଇ ଛିଡ଼ା ହେବାକୁ ପଡ଼ିବ । ଶତ ପ୍ରତିଶତ ସ୍ୱାକ୍ଷରତାର ଲକ୍ଷପୂରଣ କରିବାରେ ଦେଶ ପାଇଁ ଉତ୍ତମ ସେବା ତୁମକୁ ଦେବାକୁ ପଡ଼ିବ ।

ଟିପ୍ପଣୀ

| | |
|---|---|
| ଶିକ୍ଷକଙ୍କ | - ନିୟମାନୁବର୍ତ୍ତିତା ଏବଂ ସମୟାନୁବର୍ତ୍ତିତା |
| ଦାୟିତ୍ୱ | - ପିଲାଙ୍କୁ ଚିହ୍ନଟ କରି ତାର ପାଖାପାଖି ଅଞ୍ଚଳରେ ଥିବା ବିଦ୍ୟାଳୟରେ ପ୍ରବେଶ କରାଇବା |
| | - ପିଲାମାନଙ୍କର ଦକ୍ଷତା ଏବଂ ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରିବା । |
| | - ଶିଶୁମାନଙ୍କର ଅନ୍ତର୍ନିହିତ ଦକ୍ଷତା ଏବଂ ସୃଜନଶୀଳତା ଚିହ୍ନଟ କରିବା ଏବଂ ସେଗୁଡ଼ିକର ବିକାଶ ଘଟାଇବା |
| | - ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ଅଭିପ୍ରେରଣା ଦେବା । |
| | - ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ପାଠ୍ୟକ୍ରମ ସମାପ୍ତ କରିବା । |
| | - ସ୍ୱତନ୍ତ୍ର ସେବା ଲୋଡୁଥିବା ପିଲାମାନଙ୍କ ପ୍ରତି ଧ୍ୟାନ ଦେବା |
| | - ପିଲାମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବ |
| | - ଶିଶୁ ଅଧିକାର ଗୁଡ଼ିକୁ ସୁରକ୍ଷା ଦେବା |
| | - ଶିଶୁ ଅଧିକାର ଆଇନ କାର୍ଯ୍ୟକାରୀ କରାଇବାପାଇଁ ଶାସନକର୍ତ୍ତାଙ୍କ ସହିତ ସମନ୍ୱୟ ରଖିବା |
| | - ବିଦ୍ୟାଳୟର ଶାସନ ଓ ପରିଚାଳନାରେ ଭାଗ ନେବା |
| | - ଉପଦେଷ୍ଟା ଭାବରେ କାମ କରିବା ଓ ସମ୍ବଳଗୁଡ଼ିକୁ ନିପୁଣତାର ସହ ବ୍ୟବହାର କରିବା । |
| | - ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ସକ୍ରିୟ ପ୍ରତିନିଧି ଭାବେ କାର୍ଯ୍ୟ କରିବା । |

***ଚିତ୍ର - ୩ : ଶିକ୍ଷକଙ୍କ ଦାୟିତ୍ୱ***

## ୩.୪ ବିଦ୍ୟାଳୟ ଶାସନ ଓ ପରିଚାଳନା

ବିଦ୍ୟାଳୟର ଶାସନ ଓ ପରିଚାଳନାର ଗୁରୁତ୍ୱକୁ ତୁମେ କେବେ ଭୁଲିବା ଉଚିତ୍ ନୁହେଁ । ତୁମ ବିଦ୍ୟାଳୟଟି ଯଦି ସଠିକ୍ ରୂପେ ପରିଚାଳିତ ହେବନାହିଁ ତେବେ ତୁମେ ଶିକ୍ଷା ଅଧିକାରର ଲକ୍ଷ କେବେ ବି ପୂରଣ କରିପାରିବ ନାହିଁ । ଶିଶୁ ଅଧିନିୟମ (RTE)ରେ ବିଦ୍ୟାଳୟର ସଠିକ୍ ବ୍ୟବସ୍ଥା ଓ ଶାସନ ଉପରେ ଅନେକଗୁଡ଼ିଏ ବ୍ୟବସ୍ଥାର ପ୍ରାବଧାନ ରହିଛି । ଏହି ନିୟମରେ ଏହା ପରିଷ୍କାର ଭାବେ ଦର୍ଶିତ ହୋଇଛି ଯେ ସଫଳତାର ସହିତ ଶିକ୍ଷା ଦେବାପାଇଁ ସମସ୍ତ ନିୟମ ଓ ମାନଦଣ୍ଡ ପୂରଣ ନ କରିବା ପର୍ଯ୍ୟନ୍ତ କୌଣସି ବିଦ୍ୟାଳୟ ପ୍ରତିଷ୍ଠା ଓ ସ୍ୱୀକୃତି ପାଇପାରିବ ନାହିଁ । ଏହାର ଅର୍ଥ ବିଦ୍ୟାଳୟଟିରେ ଆବଶ୍ୟକ ପରିମାଣର ଶିକ୍ଷାସୁବିଧା ଓ ଆସବାବପତ୍ର ଥିବା ଜରୁରୀ ଅଟେ ।

ମା'କୁ ଶିଶୁଟିର ପ୍ରଥମ ଶିକ୍ଷକ ବୋଲି କୁହାଯାଏ । ଏ ସଂକ୍ରାନ୍ତରେRTE ଆଇନରେ ଦିଆଯାଇଥିବା ବ୍ୟବସ୍ଥାକୁ ନିଶ୍ଚିନ୍ତ ଭାବେ ତୁମେ ପସନ୍ଦ କରିବ, କାରଣ ବିଦ୍ୟାଳୟ ପରିଚାଳନା ସମିତି ହାରାହାରି ୫୦ ପ୍ରତିଶତ ମହିଳା ସଦସ୍ୟଙ୍କୁ ନେଇ ଗଠିତ । ଅଧିକାଂଶ ଅଫିସ କର୍ମକର୍ତ୍ତା ଓ ସଦସ୍ୟ ଅଭିଭାବକଙ୍କୁ ନେଇ ଗଠିତ । ପରିଚାଳନା ସମିତି ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବା ଆଶା କରାଯାଏ ।

- ବିଦ୍ୟାଳୟର କାର୍ଯ୍ୟଗୁଡ଼ିକୁ ତଦାରଖ କରିବା ।
- ବିଦ୍ୟାଳୟର ବିକାଶ ଯୋଜନା ପ୍ରସ୍ତୁତ କରିବା ଏବଂ ସୁପାରିସ୍ ଦେବା
- ବିଭିନ୍ନ ସ୍ଥାନରୁ ଆସୁଥିବା ଅନୁଦାନ ଗୁଡ଼ିକୁ ତଦାରଖ କରିବା !
- ଶିକ୍ଷା ଅଧିନିୟମର ଲକ୍ଷ ସାଧନ ପାଇଁ ମିଶନ୍ ରୂପେ କାର୍ଯ୍ୟ କରିବା

ବିଦ୍ୟାଳୟ ଶାସନ ବ୍ୟବସ୍ଥା ସହଯୋଗ କରିବା ତୁମଠାରୁ ଆଶା କରାଯାଏ । ସମସ୍ତ ଉପଯୋଗୀ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇବା ଓ ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ କ୍ରମାଗତ ଉପସ୍ଥିତ ରହିବାକୁ ନିଶ୍ଚିତ କରାଇବା, ଉଭୟ ଶିକ୍ଷକ ଓ ପରିଚାଳନା ସମିତିର ମିଳିତ ଦାୟିତ୍ୱ । ଅନିୟମିତତା ଓ ଅଧାରୁ ପାଠ ଛାଡ଼ିବା ସମସ୍ୟାକୁ ପ୍ରତିରୋଧ

ଟିପ୍ପଣୀ

ଏକ ଆହ୍ୱାନ କିନ୍ତୁ ଅଭିଭାବକ ଓ ପିଲାମାନଙ୍କୁ ଅଭିପ୍ରେରଣା ଦେଇପାରିଲେ ତୁମେ ଏହି ସମସ୍ୟାକୁ ଦୂର କରିପାରିବ ।

### ୩.୫ ପାଠ୍ୟକ୍ରମ ଏବଂ ମୂଲ୍ୟାୟନର ପ୍ରୟୋଜନିୟତା

ଏହିସ୍ତରରେ ଆଶା କରାଯାଏ ଯେ ପାଠ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ସର୍ବନିମ୍ନ ମୌଳିକ ଦକ୍ଷତା ଏବଂ ମନୋଭାବର ବିକାଶ ଘଟାଇବ, ଏହା ଶିଶୁକୈନ୍ଦ୍ରିକ ଏବଂ ଶିଶୁର ଦୈନନ୍ଦିନ ଘଟଣା ଉପରେ ଆଧାରିତ ହେବା ଜରୁରୀ । ବିଭିନ୍ନ ଦକ୍ଷତା ନେଇ ଓ ବିଭିନ୍ନ ସାମାଜିକ ଓ ଆର୍ଥିକ ଅବସ୍ଥାରୁ ଆସିଥିବା ଶିଶୁମାନଙ୍କର ଆବଶ୍ୟକତା ଓ ଅଭାବ ଗୁଡ଼ିକୁ ଉପଯୋଗୀ କରିବା ପାଇଁ ପାଠ୍ୟକ୍ରମ ନମନୀୟ ହେବା ଉଚିତ୍ । ସ୍ୱତନ୍ତ୍ର ଶିଶୁମାନଙ୍କର ଆବଶ୍ୟକତାକୁ ଆଧାର କରି ପାଠ୍ୟକ୍ରମଟି ଯଥେଷ୍ଟ ନମନୀୟ ଓ ସମାନୀକରଣ ହେବ ବୋଲି ଆଶା କରାଯାଏ । ଶିକ୍ଷା ଅଧିକାର ଆଇନ୍‌ର ମୂଲ୍ୟକୁ ଆଖି ଆଗରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରିବା ଉଚିତ୍ । ଏହା ଶିଶୁଟିର ଜ୍ଞାନ, ଦକ୍ଷତା ଓ ବୁଦ୍ଧିକୁ ଗଠନ କରିବାରେ ସହାୟକ ହେବ । ତୁମେ ଏହି ମନ୍ତବ୍ୟରେ ସହମତ ହେବ ଯେ ପାଠ୍ୟକ୍ରମରେ ସର୍ବଦା କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାକୁ ବୃଦ୍ଧି କରିବା ଓ ଖେଳ ଏବଂ କ୍ରୀଡ଼ା ପ୍ରତିଯୋଗିତାର ଏବଂ ସହ ପାଠ୍ୟକ୍ରମଭିତ୍ତିକ କାର୍ଯ୍ୟଗୁଡ଼ିକ ପାଇଁ ପ୍ରଚୁର ସୁଯୋଗ ରହିବା ଦରକାର ।

ପିଲାଟି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପର୍ଯ୍ୟନ୍ତ କୌଣସି ବାହ୍ୟ ପରୀକ୍ଷା ଦେବନାହିଁ, ସମସ୍ତ ଛାତ୍ରଛାତ୍ରୀ ଉଚ୍ଚଶ୍ରେଣୀକୁ ଉନ୍ନୀତ ହେବେ କିନ୍ତୁ ଏହାର ଅର୍ଥ ନୁହେଁ ଯେ ତୁମେ ମୂଲ୍ୟାୟନ ଭାଗଟିକୁ ଭୁଲିଯିବ । ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ ପରିକଳ୍ପନା କାର୍ଯ୍ୟକାରୀ କରାଯିବ । ତୁମକୁ ଶିକ୍ଷାର ଗୁଣାବଳୀ ଉପରେ ଅତ୍ୟନ୍ତ ଯତ୍ନଶୀଳ ହେବାକୁ ପଡ଼ିବ । ଯେହେତୁ ଏଠାରେ ପାସ୍ ଓ ଫେଲ୍‌ର ବ୍ୟବସ୍ଥା ନାହିଁ, ଏଣୁ ଯେ କୌଣସି କ୍ଷେତ୍ରରେ ମଧ୍ୟ ଶିକ୍ଷାର ମାନଦଣ୍ଡକୁ ବଜାୟ ରଖିବାକୁ ପଡ଼ିବ । ତୁମ୍ଭେମାନେ ଏହା ଭଲଭାବରେ ଜାଣ ଯେ, ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଶିଶୁଟିର ସର୍ବାଙ୍ଗୀନ ଉନ୍ନତି । ଶିଶୁଟିର ଜ୍ଞାନ, ଦକ୍ଷତା ଓ ବୁଦ୍ଧି ସୃଷ୍ଟି କରିବା ଆମ୍ଭମାନଙ୍କର ଦାୟିତ୍ୱ । ପିଲାମାନଙ୍କର ଜୀବନରେ ଅନୁକୂଳ ମନୋବୃତ୍ତି ଏବଂ ବାସ୍ତବ ଜୀବନର ମୂଲ୍ୟବୋଧକୁ ମନ ଭିତରେ ପ୍ରବେଶ କରାଇବା ପାଇଁ ଆମ୍ଭେମାନେ

ଯତ୍ନବାନ ହେବା ଉଚିତ୍ । ଆମ୍ଭେମାନେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଜ୍ଞାନ କୌଶଳ, କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ଓ ଆବିଷ୍କାରମୂଳକ କାର୍ଯ୍ୟପ୍ରତି ଉତ୍ସାହ ବୃଦ୍ଧି କରାଇବା ଉଚିତ୍ । ପିଲାମାନଙ୍କର ସର୍ବାଙ୍ଗ ଶାରିରୀକ ଓ ମାନସିକ ସ୍ତରରେ ବିକାଶ ଲାଭ କରିବା ପାଇଁ ଆମ୍ଭେ ଆମ୍ଭର ଯଥାସାଧ୍ୟ ଚେଷ୍ଟା ଜାରି ରଖିବା ଉଚିତ୍ ।

**କ୍ରିୟାକଳାପ-୫**

୧. ତୁମ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଯାଅ, ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ସହିତ କଥାବାର୍ତ୍ତା କର ଏବଂ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କଠାରୁ ଉପନୀତ ବିଷୟବସ୍ତୁଗୁଡ଼ିକୁ ଲିପିବଦ୍ଧ କର ।

୨. ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ସାଧନ ପାଇଁ କେତେଦୂର ପ୍ରୟାସ କରାଯାଉଅଛି ତାହା ବର୍ଣ୍ଣନା କର ।

୩. ପିଲାମାନଙ୍କର ଉନ୍ନତି ପାଇଁ ପ୍ରଚଳିତ ପ୍ରଗତି ମୂଲ୍ୟାୟନ ପ୍ରକ୍ରିୟା ସହିତ ତୁମେ ସନ୍ତୁଷ୍ଟ କି ? ଏ ସଂକ୍ରାନ୍ତରେ ତୁମର ପର୍ଯ୍ୟବେକ୍ଷକ ମତାମତ ଦିଅ ।

୪. ବ୍ୟାପକ ଏବଂ ନିରନ୍ତର ମୂଲ୍ୟାୟନ ପ୍ରକଳ୍ପ ପିଲାମାନଙ୍କର ପ୍ରଗତି ମୂଲ୍ୟାୟନ କରିବାରେ ସାହାଯ୍ୟ କରିବ ବୋଲି ତୁମେ ଭାବୁଛ କି ? ଏହା ଉପରେ ତୁମର ମତାମତ ଉଲ୍ଲେଖ କର ।

## ୩.୬ ଶିକ୍ଷା ଅଧିକାର ଆଇନ୍‌ର ନିୟମ :

ଆମ୍ଭେମାନେ ଶିକ୍ଷା ଅଧିକାର ଆଇନ୍ ୨୦୦୯ର ବ୍ୟବସ୍ଥା ବିଷୟରେ ପଢ଼ିଛେ, ଶିକ୍ଷା ଅଧିକାର ଆଇନ୍‌ର ବାସ୍ତବ କାର୍ଯ୍ୟାନ୍ୱୟନ ପାଇଁ କେତେଗୁଡ଼ିଏ ନିୟମ ପ୍ରଣୟନ କରାଯାଇଛି ଯାହାକି ଶିଶୁମାନଙ୍କର ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ନିୟମ ୨୦୦୯ ଭାବରେ ନାମିତ । ଏହି ନିୟମ ରାଜ୍ୟ ରାଜ୍ୟ ମଧ୍ୟରେ କିଛି ମାତ୍ରାରେ ପ୍ରଭେଦ ଦେଖାଦେଇପାରେ । ଏଠାରେ, ଆମ୍ଭେମାନେ ଶିଶୁର ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଉଦ୍ଦିଷ୍ଟ କେତେକ ମୁଖ୍ୟ ନିୟମଗୁଡ଼ିକ ପଢ଼ିବା ପାଇଁ ଚେଷ୍ଟା କରିବା । ଶିକ୍ଷା ଅଧିକାର ଆଇନ୍ ଆଠ ଭାଗରେ ବିଭକ୍ତ ।

ଟିପ୍ପଣୀ

ଆଇନ୍‌ଟିକୁ ପ୍ରବର୍ତ୍ତନ କରିବାରେ ସାହାଯ୍ୟ କରିବାପାଇଁ ଶିକ୍ଷା ଅଧିକାର ଆଇନ୍ ଉପରେ ଏକ ଆଦର୍ଶ ନିୟମାବଳୀ ୨୦୦୯ ବ୍ୟବସ୍ଥିତ କରାଯାଇଅଛି । ଏହି ନିୟମଗୁଡ଼ିକ ଏକ ବିସ୍ତୃତ ରୂପରେଖ ପ୍ରଦାନ କରେ, ଯାହାକୁ ଭିତ୍ତିକରି ବିଭିନ୍ନ ରାଜ୍ୟ ନିଜ ନିଜ ରାଜ୍ୟରେ ଶିକ୍ଷା ଅଧିକାର ଆଇନ ପ୍ରସ୍ତୁତ କରିପାରିବେ । ପ୍ରତ୍ୟେକ ରାଜ୍ୟ ସୁନିଶ୍ଚିତ ରହିବା ଉଚିତ୍ ଯେ, ଶିକ୍ଷା ଅଧିକାର ନିୟମ ଅନୁସାରେ ଅଭିଯୋଗ ପ୍ରତିକାର ପଦ୍ଧତି ମଧ୍ୟରେ ଅଭିଯୋଗ ଦାଏର୍ କରିବା, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଧିକାରୀଙ୍କ ପାଖରେ ଅଭିଯୋଗ ଦାଏର କରାଯିବା ଓ ଅଭିଯୋଗ ପ୍ରତିକାରର ସମୟ ଅବଧି ଇତ୍ୟାଦି ଅନ୍ତର୍ଭୁକ୍ତ ହେବ ।

ଶିକ୍ଷା ଅଧିକାର ଆଦର୍ଶ ନିୟମାବଳୀ ଦଲିଲ୍‌ରେ ଥିବା ବର୍ତ୍ତମାନର ରୂପରେଖ ପ୍ରାଞ୍ଜଳ ଭାବରେ ନିମ୍ନରେ ଦିଆଗଲା ।

- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସମବୟସ୍କ ସହପାଠୀମାନଙ୍କ ସ୍ତରକୁ ଆଣିବା ପାଇଁ ସ୍ୱତନ୍ତ୍ର ତାଲିମ୍ ପଦ୍ଧତି ଓ ବ୍ୟବସ୍ଥା ଯୋଗାଇଦେବା ।
- ଯୋଡ଼ଶୀ ବିଦ୍ୟାଳୟଗୁଡ଼ିକର ସ୍ଥାପନା ନିୟନ୍ତ୍ରିତ କରିବ ।
- ବିଦ୍ୟାଳୟଗୁଡ଼ିକର ଉନ୍ନତି, ଯାତାୟତ ସୁବିଧା ବା ଆବାସିକ ସୁବିଧା ଏବଂ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପର୍ଯ୍ୟନ୍ତ ଭିନ୍ନକ୍ଷମ ଶିଶୁମାନଙ୍କୁ ସମସ୍ତ ପ୍ରକାରର ଶିକ୍ଷଣ ସହଯୋଗ ଯୋଗାଇବା ରାଜ୍ୟ ସରକାର ଓ ସ୍ଥାନୀୟ ଅଧିକାରୀଙ୍କ ଦାୟିତ୍ୱ ।
- ସ୍ଥାନୀୟ ଅଧିକାରୀଙ୍କ ଇଲାକା ମଧ୍ୟରେ ଥିବା ଶିଶୁମାନଙ୍କର ଅଭିଲେଖର ବିସ୍ତୃତ ବିବରଣୀ ବଜାୟ ରଖିବା ଜରୁରୀ ।
- ପଞ୍ଜୀକରଣ, ଶ୍ରେଣୀ ପରିଚାଳନା ଓ ଦୁର୍ବଳ ଓ ଅସୁବିଧାରେ ସମ୍ମୁଖୀନ ହେଉଥିବା ଗୋଷ୍ଠୀମାନଙ୍କର ଦାୟିତ୍ୱ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ।
- ସମସ୍ତ ଶିଶୁମାନଙ୍କ ପାଇଁ ବୟସ ପ୍ରମାଣଜନିତ କାଗଜପତ୍ର ଆବଶ୍ୟକ ।
- ଆଇନର ନିର୍ଦ୍ଦେଶାନୁସାରେ ଅନୁମୋଦନ ପାଇବାପାଇଁ ସମସ୍ତ ବିଦ୍ୟାଳୟ (ରାଜ୍ୟସରକାର ବା ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ନିୟନ୍ତ୍ରିତ ବା ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ

ଟିପ୍ପଣୀ

ବ୍ୟତୀତ) ଆବେଦନ ପତ୍ର ଓ ପଦ୍ଧତି ଅନୁସରଣ କରିବା ଜରୁରୀ ।

- ଅନୁମୋଦନ ପ୍ରତ୍ୟାହାର ନିମନ୍ତେ ଥିବା ସର୍ତ୍ତ ଓ ପଦ୍ଧତି ପ୍ରଣିତ ହେବ ।
- ବିଦ୍ୟାଳୟ ପରିଚାଳନା ସମିତିର ସଂକଳନ ଏବଂ କାର୍ଯ୍ୟାବଳୀ ପ୍ରଣୟନ କରାଯିବ ।
- ବିଦ୍ୟାଳୟ ପରିଚାଳନା ପରିଷଦଙ୍କ ଦ୍ୱାରା ବିଦ୍ୟାଳୟର ବିକାଶମୂଳକ ଯୋଜନାର ପୁଙ୍ଖାନୁପୁଙ୍ଖ ପରିକଳ୍ପନା ଓ ତଦାରଖ କରାଯିବ ।
- ଶିକ୍ଷକମାନଙ୍କ ଯୋଗ୍ୟତାର ମାପକାଠି ନିର୍ଦ୍ଧାରଣ କରାଯିବ ।

### ୩.୬.୧ ପୂର୍ବାଭାଷ

ଏହି ବିଭାଗରେ ଶିକ୍ଷାଅଧିକାର ଆଇନ୍‌ର ନିୟମଗୁଡ଼ିକ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକର ବାଖ୍ୟା କରାଯାଇଅଛି ।

(କ) 'ଅଧିନିୟମ'-ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଉପରେ ଶିଶୁମାନଙ୍କର ଅଧିକାର । (RTE-୨୦୦୯) ।

(ଖ) 'ଅଙ୍ଗନବାଡ଼ି'-ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସାମଗ୍ରୀକ ଶିଶୁବିକାଶ ପ୍ରକଳ୍ପ କେନ୍ଦ୍ର । (ICDS)

(ଗ) 'ନିଯୁକ୍ତି ତାରିଖ'- ଯେଉଁ ତାରିଖରେ ଏହି 'ଅଧିନିୟମ'ଟି ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେଲା ।

(ଘ) 'ଅଧ୍ୟାୟ', 'ବିଭାଗ' ଓ 'ନିର୍ଘଣ୍ଟ' କ୍ରମାନୁସାରେ ଆଇନ୍‌ର ଉଲ୍ଲେଖିତ ଅଧ୍ୟାୟ, ବିଭାଗ ଓ ନିର୍ଘଣ୍ଟ ପ୍ରଭୃତି ବର୍ଣ୍ଣିତ ବିଷୟ ।

(ଙ) 'ଶିଶୁ' ୬ ରୁ ୧୪ ବର୍ଷ ବୟସର ଯେ କୌଣସି ପିଲା ।

(ଚ) 'ଛାତ୍ରଛାତ୍ରୀଙ୍କର କ୍ରମବର୍ଦ୍ଧିତ ଅଭିଲେଖ' ବ୍ୟାପକ ଏବଂ ନିରନ୍ତର ମୂଲ୍ୟାୟନ ସମ୍ପର୍କିତ ଶିଶୁ ସମ୍ବନ୍ଧରେ ଦିଆଯାଇଥିବା ବିଭିନ୍ନ ତଥ୍ୟ ।

(ଛ) "ବିଦ୍ୟାଳୟର ମାନଚିତ୍ର କରଣ" ସାମାଜିକ ପ୍ରତିବନ୍ଧକ ଓ ଭୌଗୋଳିକ ଦୂରତ୍ୱ ପ୍ରଭୃତିକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ସ୍ଥାନ ନିରୁପଣ ।

ଟିପ୍ପଣୀ

### ୩.୬.୨ ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁମାନଙ୍କର ଅଧିକାର :


**ସ୍ୱତନ୍ତ୍ର ତାଲିମ :** ଯେଉଁ ଛାତ୍ରଛାତ୍ରୀମାନେ ବିଳମ୍ବରେ ନାମ ଲେଖାଇଥାନ୍ତି, ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଦ୍ୱାରା ସ୍ୱତନ୍ତ୍ର ତାଲିମ୍ ଦେବା ଆବଶ୍ୟକ । ଏହି ତାଲିମ୍‌ର ଉଦ୍ଦେଶ୍ୟ ହେଉଛି ସେହି ଛାତ୍ରଛାତ୍ରୀମାନଙ୍କୁ ଶୈକ୍ଷିକ ଏବଂ ମାନସିକ ସ୍ତରରେ ଶ୍ରେଣୀର ଅବଶିଷ୍ଟ ଛାତ୍ରଛାତ୍ରୀଙ୍କ ସହିତ ସଫଳତାର ସହିତ ଏକକୀକରଣ କରିବା । ଏହି ତାଲିମର ସମୟ ଅବଧି ତିନି ମାସ । ଶିକ୍ଷକ ଭାବରେ ଏହା ଆମର କର୍ତ୍ତବ୍ୟ, ଯେଉଁ ପିଲାମାନେ ପଛରେ ରହିଯାଉଛନ୍ତି ତାଙ୍କୁ ସାହାଯ୍ୟ କରିବା ।

**ବିଭାଗ – ୪ ର ପ୍ରଥମ ବ୍ୟବସ୍ଥାର ଉଦ୍ଦେଶ୍ୟପୂରଣ ପାଇଁ ସ୍ୱତନ୍ତ୍ର ତାଲିମ୍ :**

ବିଦ୍ୟାଳୟ ପରିଚାଳନା ସମିତି / ସ୍ଥାନୀୟ ଅଧିକାରୀ ସ୍ୱତନ୍ତ୍ର ତାଲିମ ପାଇବା ପାଇଁ ପିଲାମାନଙ୍କୁ ଚିହ୍ନଟ କରିବେ ଏବଂ ନିମ୍ନଲିଖିତ ପ୍ରଣାଳୀ ଅନୁସାରେ ସ୍ୱତନ୍ତ୍ର ତାଲିମ ଆୟୋଜନ କରିବା ଆବଶ୍ୟକ ।

ଉଦାହରଣ ସ୍ୱରୂପ : ସ୍ୱତନ୍ତ୍ର ତାଲିମ ଧାରା ୨୯(୧)ରେ ଉଦ୍ଦିଷ୍ଟ ଶୈକ୍ଷିକ ପ୍ରାଧିକାରୀଙ୍କ ଦ୍ୱାରା ଅନୁମୋଦିତ ସ୍ୱତନ୍ତ୍ର ଭାବେ ପରିକଳ୍ପିତ, ବୟସ ଉପଯୋଗୀ ଶିକ୍ଷା ଉପକରଣ ଉପରେ ଆଧାରିତ ହେବା ଉଚିତ୍ । ଏହି ତାଲିମ୍ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଶ୍ରେଣୀଗୃହରେ ବା ନିରାପଦ ଆବାସିକ ବ୍ୟବସ୍ଥା ଥିବା ଶ୍ରେଣୀଗୃହ ମଧ୍ୟରେ ଦିଆଯିବା ଉଚିତ୍ । ଏହା ବିଦ୍ୟାଳୟର ଶିକ୍ଷକ ବା ସ୍ୱତନ୍ତ୍ର ଭାବେ ନିଯୁକ୍ତ ଶିକ୍ଷକଙ୍କ ଦ୍ୱାରା ଦିଆଯିବ । ଏହାର ସମୟ ଅବଧି ସର୍ବନିମ୍ନ ତିନିମାସ, ଯାହାକୁ ଶିକ୍ଷଣ ପ୍ରଗତିର ସାମୟିକ ନିର୍ଦ୍ଧାରଣ ଉପରେ ଆଧାର କରି ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ହେବ । ତାଲିମ ପରେ ପିଲାଙ୍କୁ ବୟସ ଉପଯୋଗୀ ଶ୍ରେଣୀରେ ପ୍ରବେଶ କରାଯିବ । ପିଲାଟି ଯେ ପର୍ଯ୍ୟନ୍ତ ଶୈକ୍ଷିକ ଏବଂ ମାନସିକ ଭାବରେ ଅବଶିଷ୍ଟ ପିଲାଙ୍କ ସହିତ ସଫଳତାର ସହ ଏକକୀକରଣ ନ ହୋଇଛି ସେ ପର୍ଯ୍ୟନ୍ତ ଶିକ୍ଷକଙ୍କ ସ୍ୱତନ୍ତ୍ର ଧ୍ୟାନ ନିରନ୍ତର ପାଇପାରିବ ।

## ୩.୬.୩ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ।




- **ସ୍ଥାନୀୟ ଅଧିକାରୀ :**

ରାଜ୍ୟ ସରକାରଙ୍କ ଦ୍ୱାରା, ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ସେମାନଙ୍କ ଘରଠାରୁ ୧ କି.ମି. ଚଲା ଦୂରତ୍ୱ ମଧ୍ୟରେ ଏବଂ ୬ଷ୍ଠରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଚଲା ଦୂରତ୍ୱ ୩ କି.ମି. ବ୍ୟବଧାନ ମଧ୍ୟରେ, ବିଦ୍ୟାଳୟମାନ ପ୍ରତିଷ୍ଠା ହେବା ଉଚିତ୍ । ଯଦି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଦ୍ୟାଳୟ ଆଗରୁ ଥାଏ, ତେବେ ସେହି ବିଦ୍ୟାଳୟମାନଙ୍କରେ ଆବଶ୍ୟକ ଅନୁସାରେ ନୂତନଶ୍ରେଣୀ ସଂଯୋଗ କରାଯିବ । ତୁମ୍ଭେମାନେ ଜାଣ ଯେ, ଆମ ଦେଶର ଅନେକ ରାଜ୍ୟରେ ଏବେ ମଧ୍ୟ ଆବଶ୍ୟକ ଅନୁସାରେ ପ୍ରାଥମିକ ବିଦ୍ୟାଳୟର ପରିସର ବୃଦ୍ଧି (ନେଟୱାର୍କ) କରାଯାଇପାରିନାହିଁ । ସମ୍ପୃକ୍ତ ରାଜ୍ୟମାନଙ୍କରେ ଆବଶ୍ୟକ ଅନୁସାରେ ଯାତାୟତର ସୁବିଧା ବା ଆବାସିକ ସୁବିଧା ରାଜ୍ୟ ସରକାର ପ୍ରଦାନ କରିବା ଉଚିତ୍ । ଏହି ଦୃଷ୍ଟିରୁ ଯେଉଁ ରାଜ୍ୟ ସରକାର ଏହିସବୁ ସୁବିଧା



ଟିପ୍ପଣୀ

କାର୍ଯ୍ୟାନ୍ୱିତ କରୁଛନ୍ତି ତାଙ୍କର ପ୍ରୟାସକୁ ଆମ୍ଭେମାନେ ପ୍ରଶଂସା କରିବା ଉଚିତ୍ । କେତେକ ରାଜ୍ୟମାନଙ୍କରେ ଝିଅ ପିଲାମାନଙ୍କୁ ବିଦ୍ୟାଳୟକୁ ଯିବା ଆସିବା କରିବା ପାଇଁ ମାଗଣାରେ ପାସ୍ ବ୍ୟବସ୍ଥା କରିଥିବାବେଳେ ଅନ୍ୟକେତେକ ରାଜ୍ୟରେ ସାଇକେଲ ପ୍ରଦାନ କରାଯାଉଅଛି । ଘର ନିକଟରେ ବିଦ୍ୟାଳୟମାନ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର / ସ୍ଥାନୀୟ ଅଧିକାରୀ ବିଦ୍ୟାଳୟ ମାନଚିତ୍ର ଯୋଜନା ହାତକୁ ନେଇଛନ୍ତି । ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ଅନ୍ୟ ସମସ୍ତ ପିଲାମାନଙ୍କ ସହିତ ଚିହ୍ନଟ କରିବେ ।

### ୩.୬.୪ ନଥିପତ୍ର ଗୁଡ଼ିକର ରକ୍ଷଣାବେକ୍ଷଣ :

ସ୍ଥାନୀୟ ଅଧିକାରୀ ନିଜ ଅଞ୍ଚଳରେ ଥିବା ଶିଶୁମାନଙ୍କର ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ପରିବାର ପରିଦର୍ଶନ ମାଧ୍ୟମରେ ଲିପିବଦ୍ଧ କରି ରଖିବେ ଏବଂ ପ୍ରତିବର୍ଷ ଏହି ଅଭିଲେଖ / ନଥିପତ୍ରଟିକୁ ନବୀକରଣ କରୁଥିବେ । ଏ ଦିଗରେ ଶିକ୍ଷକ ଭାବରେ ଆମ୍ଭମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁ ଅଧିକାର ଆଇନ ଉଲଘଂନ, ନିର୍ଦ୍ଧିଷ୍ଟ ଭାବେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା, ନାମ ଲେଖାଇବା ପାଇଁ ବାରଣ ଇତ୍ୟାଦି ଆଇନ ଉଲଘଂନ କାର୍ଯ୍ୟ ବିଷୟରେ ସ୍ଥାନୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହି ପରିପ୍ରେକ୍ଷୀରେ ଆମ୍ଭେମାନେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ଉଚିତ୍ । ଶିକ୍ଷା ଅଧିକାର ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଆବଶ୍ୟକତାକୁ ଚିହ୍ନଟ କରିବା, ଯୋଜନା ପ୍ରସ୍ତୁତ କରିବା ଏବଂ ତଦାରଖ୍ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ସ୍ଥାନୀୟ ଅଧିକାରୀ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ତଦାରଖ କରିବେ । ତୁମ୍ଭେମାନେ ନିଶ୍ଚିତରୂପେ ଜାଣିଥିବ ଯେ ଏହି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନେକ ରାଜ୍ୟରେ ପରିଚାଳିତ ହେଉଅଛି ଏବଂ ଆମ୍ଭେମାନେ ଏହି କାର୍ଯ୍ୟକ୍ରମ ମଧ୍ୟରେ କେତେକ ଦୁର୍ନୀତି ଖବର ମଧ୍ୟ ପଢ଼ିବାକୁ ପାଉଛେ । ଏହା ଆମ୍ଭମାନଙ୍କ କର୍ତ୍ତବ୍ୟ ଯେ କୌଣସିପ୍ରକାର ଦୁର୍ନୀତି ଆମର ଦୃଷ୍ଟିଗୋଚର ହେଲେ ତାକୁ ବାରଣ କରିବା । ପରିଚାଳନା ସମିତି ତିନିବର୍ଷ ପାଇଁ ବିଦ୍ୟାଳୟ ବିକାଶ ଯୋଜନା ନିଜେ ପ୍ରସ୍ତୁତ କରିବ । ଏଥିରେ ଆସବାବପତ୍ର,



ଟିପ୍ପଣୀ

ମାନବସମ୍ବଳ ସମ୍ବନ୍ଧୀୟ ଆବଶ୍ୟକତା ଯଥା : ପ୍ରଧାନ ଶିକ୍ଷକ, ଶିକ୍ଷକ ଏବଂ ଆବଶ୍ୟକ ଅନୁଯାୟୀ ଆର୍ଥିକ ରାଶି ଆଦି ଅନ୍ତର୍ଭୁକ୍ତ ରହିବ । ଏହି ଯୋଜନା ପ୍ରସ୍ତୁତ କରିବାରେ ପରିଚାଳନା ସମିତିକୁ ଆମେମାନେ ସହଯୋଗ କରିପାରିବା ।

**୩.୬.୫ ବିଦ୍ୟାଳୟ ଓ ଶିକ୍ଷକଙ୍କର ଦାୟିତ୍ୱ :**

ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଓ ଅନୁମୋଦିତ ପ୍ରତ୍ୟେକ ବିଦ୍ୟାଳୟ ଶିକ୍ଷା ଅଧିକାର ନିୟମ କାର୍ଯ୍ୟକାରିତାରେ ସାହାଯ୍ୟ କରିବେ । ଆମେ ଏହା ଭୁଲିବା ଅନୁଚିତ୍ ଯେ ବିଦ୍ୟାଳୟଟି କୌଣସି ବ୍ୟକ୍ତି ଦଳ ବା ସଂଗଠନ ପାଇଁ ଉଦ୍ଦିଷ୍ଟ ନୁହେଁ । ଜିଲ୍ଲା ଶିକ୍ଷା ଅଧିକାର ନିୟମର ବ୍ୟବସ୍ଥାଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରାଇବା ପାଇଁ ତତ୍ତ୍ୱାବଧାରକ ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ । ଶିକ୍ଷକ ଭାବରେ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁମକୁ ନିର୍ବାହ କରିବାକୁ ପଡ଼ିବ କାରଣ ଶିକ୍ଷା ଅଧିକାର ଆଇନ୍‌କୁ ପ୍ରଚଳିତ କରିବାରେ ଆମେ ସମସ୍ତେ ମାନବ ସମ୍ବଳର ଉତ୍ସ ।

ଆମ ବିଦ୍ୟାଳୟକୁ ଓ ଆମ୍ଭମାନଙ୍କୁ ଦିଆଯାଇଥିବା ଦାୟିତ୍ୱ ପାଳନ କରିବାରେ ଆମ୍ଭେ ଯଦି ଅକୃତକାର୍ଯ୍ୟ ହୁଅନ୍ତି ତେବେ ଆମ ବିଦ୍ୟାଳୟ ସ୍ୱୀକୃତି ପ୍ରତ୍ୟାହାରର ସମ୍ମୁଖିନ ହେବାକୁ ପଡ଼ିବ । ଆମ୍ଭ ଅଞ୍ଚଳରେ ଥିବା ଯୋଗ୍ୟ ପିଲାମାନଙ୍କୁ ଚିହ୍ନଟ ଏବଂ ତାଲିକାଭୁକ୍ତ କରି ସେମାନଙ୍କ ପାଖରେ ଥିବା ଚିହ୍ନିତ ବିଦ୍ୟାଳୟଗୁଡ଼ିକରେ ପହଞ୍ଚାଇ ଦେବା ଆବଶ୍ୟକ ।

**୩.୬.୬ ବିଦ୍ୟାଳୟ ପରିଚାଳନା ସମିତି ।**

ତୁମ୍ଭେମାନେ ଭଲଭାବରେ ଜାଣିଛ, ଶିକ୍ଷା କ୍ଷେତ୍ରରେ ପରିଚାଳନା ସମିତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଯଦି ଆମ୍ଭେମାନେ ସମସ୍ତ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଦେବାପାଇଁ ଇଚ୍ଛୁକ ତେବେ ଆମକୁ ଆମ ବିଦ୍ୟାଳୟଟିକୁ ଉତ୍ତମ ରୂପେ ପରିଚାଳନା କରିବା ଆବଶ୍ୟକ । ଶିକ୍ଷା ଅଧିକାର ଆଇନ୍‌ର ବ୍ୟବସ୍ଥା ଅନୁସାରେ ବିଦ୍ୟାଳୟ ପରିଚାଳନା ସମିତି ମୁଖ୍ୟତଃ ଅଭିଭାବକ ଏବଂ ସେମାନଙ୍କର ପରିମାଣ ୭୫% ହେବା ଉଚିତ୍ । ସମିତିର କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ନିମ୍ନରେ ଦିଆଗଲା ।

ଟିପ୍ପଣୀ

- ଶିକ୍ଷକମାନଙ୍କ ଉପରେ ଯେପରି ଅଣ-ଶିକ୍ଷା ଦାୟିତ୍ୱର ବୋଝ ନ ପଡ଼େ ତାହା ତଦାରଖ କରିବା । (ଜନ ସଂଖ୍ୟା ଗଣନା ଓ ନିର୍ବାଚନ କାର୍ଯ୍ୟ ବ୍ୟତୀରେକ) ।
- ଶିକ୍ଷକଙ୍କୁ ତାଙ୍କର ସାଧାରଣ କର୍ତ୍ତବ୍ୟ ସହିତ ନିର୍ଦ୍ଦିଷ୍ଟ ବର୍ଷରେ ଶିକ୍ଷା ସମାପ୍ତ ପ୍ରମାଣପତ୍ର ପ୍ରଦାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଅଭିଲେଖ ଥିବା ଏକ ଫାଇଲ୍ ପ୍ରସ୍ତୁତିର ତଦାରଖ କରିବେ । ଶିକ୍ଷକମାନଙ୍କ ତାଲିମ୍ କାର୍ଯ୍ୟକ୍ରମ, ପାଠ୍ୟକ୍ରମ ପ୍ରସ୍ତୁତି, ତାଲିମ ଉପକରଣ (*Modules*) ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତି କରିବା ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ।
- ଶିକ୍ଷକମାନଙ୍କ ପାଇଁ ଅଭିଯୋଗ ପ୍ରତିକାର ବ୍ୟବସ୍ଥାର କ୍ରିୟାବିଧି ପ୍ରସ୍ତୁତି । ରାଜ୍ୟ ସରକାର ରାଜ୍ୟ ମଧ୍ୟରେ, ଜିଲ୍ଲାରେ ଓ ବ୍ଲକ୍ ସ୍ତରରେ ବିଦ୍ୟାଳୟ ନ୍ୟାୟାଳୟ ସ୍ଥାପନ କରିବେ ।

ରାଜ୍ୟ ଏବଂ ସ୍ଥାନୀୟ ପ୍ରାଧିକାରୀ ଛାତ୍ର-ଶିକ୍ଷକ ଓ ଶିକ୍ଷକଙ୍କ ଅନୁପାତକୁ ବଜାୟ ରଖିବେ ।

**କ୍ରିୟାକଳାପ - ୬**

୧. ତୁମ ମତରେ, ଶିକ୍ଷକ କିପରି ବିଦ୍ୟାଳୟ ଶାସନ ଓ ପରିଚାଳନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ ।

୨. ବିଦ୍ୟାଳୟ ପରିଚାଳନା ସମିତି କାର୍ଯ୍ୟଗୁଡ଼ିକ ବିଷୟରେ ତୁମ୍ଭେମାନେ ପଢ଼ିଛ । ତୁମେ ଆଉ କ'ଣ ସବୁ କାର୍ଯ୍ୟ କରିବାର ପ୍ରସ୍ତାବ ଦେବାକୁ ଚାହୁଁଚ ?

### ୩.୬.୭ ଶିକ୍ଷକ

ସମ୍ପୃକ୍ତ ରାଜ୍ୟର ଶୈକ୍ଷିକ ଅଧିକାରୀ ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ଥିର କରିବେ । ଏହି ପ୍ରାଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସର୍ବନିମ୍ନ ଯୋଗ୍ୟତା ସମସ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ, ଯେଉଁ ରାଜ୍ୟରେ ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କର ଅଭାବ ଦେଖାଯିବ, ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରାଯାଇପାରିବ । କିନ୍ତୁ ଶିକ୍ଷକ

ଟିପ୍ପଣୀ

ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ହାସଲ କରିଥିବା ଆବଶ୍ୟକ ।

**କ୍ରିୟାକଳାପ-୭**

ଯେକୌଣସି ସ୍ଥିତିରେ ଶିକ୍ଷକଙ୍କର ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରାଯିବା ଚିନ୍ତାଧାରା ସହିତ ତୁମେ ଏକମତ କି ? ତୁମ ଉତ୍ତରର କାରଣ ଦର୍ଶାଅ ଏବଂ ପ୍ରତିପାଦନ କର ।

### ୩.୬.୮ ପାଠ୍ୟକ୍ରମ ଏବଂ ପ୍ରାଥମିକ ଶିକ୍ଷା ସମାପ୍ତି

ରାଜ୍ୟ ସରକାର ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ୍ ପରିଷଦକୁ ଶୈକ୍ଷିକ ଅଧିକାରୀ ଭାବରେ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଓ ଶିକ୍ଷା ଉପକରଣ ପ୍ରସ୍ତୁତ କରିବାର ଦାୟିତ୍ୱ ଅର୍ପଣ କରିବେ । ଆହୁରି ମଧ୍ୟ କାର୍ଯ୍ୟରତ ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମ, ପାଠ୍ୟକ୍ରମ କାର୍ଯ୍ୟକାରି କରିବା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବେ ଏବଂ ନିରନ୍ତର ବ୍ୟାପକ ମୂଲ୍ୟାୟନ ଅଭ୍ୟାସ ଜାରି ରଖିବେ ।

ପ୍ରାରମ୍ଭିକ ଶିକ୍ଷା ସମାପ୍ତି ପ୍ରମାଣପତ୍ର ବିଦ୍ୟାଳୟ / ବ୍ଲକ୍ / ଜିଲ୍ଲା ସ୍ତରରେ ପ୍ରାଥମିକ ଶିକ୍ଷା ସମାପ୍ତର ଏକ ମାସ ମଧ୍ୟରେ ପ୍ରଦାନ କରାଯିବ ।

ପ୍ରାରମ୍ଭିକ ଶିକ୍ଷା ସମାପ୍ତିର ସଫଳତାପୂର୍ଣ୍ଣ ପ୍ରମାଣପତ୍ର ଶିଶୁଟି ନିର୍ଦ୍ଧାରିତ ସମସ୍ତ ପାଠ୍ୟକ୍ରମ ସମାପ୍ତ କରିଛି ବୋଲି ଲିପିବଦ୍ଧ ହେବ । ଏଥିରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଅଭିଲେଖ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ଯଥା - ସଙ୍ଗୀତ, ନୃତ୍ୟ, ସାହିତ୍ୟ ଓ କ୍ରୀଡ଼ା ସମ୍ବନ୍ଧୀୟ କୃତୀ ପ୍ରତିଫଳିତ ହେବ ।

ତୁମେ ଶିକ୍ଷକ ଭାବରେ ସମସ୍ତ ପ୍ରକାର ଅଭିଲେଖଗୁଡ଼ିକ ଯତ୍ନର ସହିତ ସଠିକ୍ ରୂପେ ପ୍ରସ୍ତୁତ କରିବ, ପ୍ରତ୍ୟେକ କ୍ରମବର୍ଦ୍ଧିଷ୍ଣୁ ନଥିପତ୍ର ଯାହାକି ପିଲାର ସାମଗ୍ରୀକ ବିକାଶ ମୂଲ୍ୟାୟନରେ ପିଲାର ସହାୟକ ହେବ ।

**କ୍ରିୟାକଳାପ-୮**

୧. ଶିକ୍ଷା ଏକ ମୌଳିକ ଅଧିକାର ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଶିଶୁ ଓ ସାଧାରଣ ଶିଶୁମାନଙ୍କ ପାଇଁ ପାଠ୍ୟକ୍ରମର ଆବଶ୍ୟକତାକୁ ପ୍ରତିପାଦନ କର ।

୨. ବିଦ୍ୟାଳୟ ପରିଚାଳନା ପାଇଁ ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାରେ କ'ଣ ସବୁ ଦୋଷତ୍ରୁଟି ରହିଛି ବୋଲି ତୁମେ ଅନୁଭବ କରୁଛ ?

୩. ପିଲାମାନଙ୍କର ପ୍ରଗତିକୁ ମୂଲ୍ୟାୟନ କରିବାପାଇଁ ବ୍ୟାପକ ଏବଂ ନିରନ୍ତର ମୂଲ୍ୟାୟନ ପରିକଳ୍ପନାର ଆବଶ୍ୟକତାକୁ ପ୍ରତିପାଦନ କର ।

## ୩.୬.୯ ଶିଶୁମାନଙ୍କ ଅଧିକାର ସୁରକ୍ଷା

ଦେଶରେ ବହୁରାଜ୍ୟ, ଶିଶୁ ଅଧିକାର ସୁରକ୍ଷା ପାଇଁ ଆୟୋଗ କମିଶନ ଗଠନ କରିଛନ୍ତି । ଯେଉଁ ରାଜ୍ୟରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଗଠନ କରାହୋଇନାହିଁ, ସେଠାରେ ରାଜ୍ୟ ସରକାର ସେଭଳି ଆୟୋଗ ଦ୍ୱାରା ଗଠନ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରୀ । ସେତେଦିନ ପର୍ଯ୍ୟନ୍ତ ଗୋଟିଏ ମଧ୍ୟବର୍ତ୍ତୀକାଳୀନ ଶିକ୍ଷା ଅଧିକାର ସୁରକ୍ଷା କର୍ତ୍ତୃପକ୍ଷ (REPA) ଆୟୋଗ ବା କର୍ତ୍ତୃପକ୍ଷ ଗଠନ କରିବେ । ଆୟୋଗ ଗଠିତ ହୋଇଥିଲେ ମଧ୍ୟ ସବୁ ସ୍ତରରେ ପ୍ରତିଶ୍ରୁତି ଓ ସହଯୋଗ ଅଭାବରୁ ଉଦ୍ଦେଶ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇପାରୁ ନଥିବା ଲକ୍ଷ କରାଯାଉଛି । ତେଣୁ ଶିକ୍ଷକ ହିସାବରେ ଶିକ୍ଷା ଅଧିକାର ଆଇନ୍ ୨୦୦୯ର ଲକ୍ଷ ସାଧନ ପାଇଁ ଆନ୍ତରିକତା ଓ ସହଯୋଗର ସହିତ କାର୍ଯ୍ୟ କରିବା ଆମର ଦାୟିତ୍ୱ ।

**ଅଧିକାରଗୁଡ଼ିକର ପ୍ରକାର :**

ଶିଶୁମାନଙ୍କର ଅଧିକାର ବହୁ ଭାବରେ ବ୍ୟାଖ୍ୟା କରାଯାଇଛି । ଯଥା - ନାଗରିକ ଅଧିକାର, ସାଂସ୍କୃତିକ ଅଧିକାର, ଅର୍ଥନୈତିକ ଅଧିକାର, ସାମାଜିକ ଅଧିକାର ଓ ରାଜନୈତିକ ଅଧିକାର । ଅଧିକାରକୁ ଦୁଇଟି ସାଧାରଣ ପ୍ରକାରରେ ପ୍ରକାଶ କରାଯାଇପାରେ ! ପ୍ରଥମତଃ ନିୟମାନୁଯାୟୀ ଶିଶୁମାନଙ୍କୁ ସ୍ୱୟଂଶାସିତ ବ୍ୟକ୍ତି ଭାବରେ ଗ୍ରହଣ କରାଯିବା ଏବଂ ଦ୍ୱିତୀୟତଃ

ଶିଶୁମାନଙ୍କର ନିର୍ଭରଶୀଳତାବଶତଃ ତାଙ୍କ ଉପରେ ହେଉଥିବା ଅନିଷ୍ଟଠାରୁ ସୁରକ୍ଷା ଦେବା ପାଇଁ ସମାଜ ଉପରେ ଚାପ ପ୍ରୟୋଗ କରିବା । ସଂକ୍ଷେପରେ ଏହା ଶିଶୁର କ୍ଷମତା ବୃଦ୍ଧି ଅଧିକାର ଏବଂ ସୁରକ୍ଷା ପ୍ରାପ୍ତିର ଅଧିକାର ନାମରେ ନାମିତ କରାଯାଇଅଛି । କାନାଡ଼ାର ଏକ ଅନୁଷ୍ଠାନ ଶିଶୁମାନଙ୍କର ଅଧିକାରଗୁଡ଼ିକୁ ତିନୋଟି ଭାବରେ ବିଭକ୍ତ କରିଅଛି । ଯଥା:-

**ବ୍ୟବସ୍ଥା :** (Provision)

ଉପଯୁକ୍ତ ମାନର ଜୀବନଯାପନ, ସ୍ୱାସ୍ଥ୍ୟର ଯତ୍ନ, ଶିକ୍ଷା ଓ ସେବା ଏବଂ ଖେଳିବା ଓ ଆମୋଦ ପ୍ରମୋଦ ଉପରେ ଶିଶୁମାନଙ୍କର ଅଧିକାର ରହିଛି । ଏଥିରେ ପୁଷ୍ଟିକର ଖାଦ୍ୟ, ଶୋଇବା ପାଇଁ ଉପଯୁକ୍ତ ଶଯ୍ୟା ଏବଂ ବିଦ୍ୟାଳୟ ପ୍ରବେଶ ଆଦି ଅନ୍ତର୍ଭୁକ୍ତ ।

**ସୁରକ୍ଷା :**

ମାଡ଼ଗାଳି, ଅବହେଳା, ଶୋଷଣ ଏବଂ ଭେଦଭାବ ପ୍ରଭୃତିରୁ ସୁରକ୍ଷା ପାଇବା ପାଇଁ ଶିଶୁମାନଙ୍କର ପୂର୍ଣ୍ଣ ଅଧିକାର ରହିଛି । ଏଥିରେ ଶିଶୁମାନେ ଖେଳିବା ପାଇଁ ନିରାପଦ ସ୍ଥାନ, ଗଠନମୂଳକ ଶିଶୁ ଲାଳନ ପାଳନ ବ୍ୟବହାର ଏବଂ ଶିଶୁମାନଙ୍କର ବିକଶିତ ଦକ୍ଷତାର ସ୍ୱୀକାର ଆଦି ଅନ୍ତର୍ଭୁକ୍ତ ।

**ଅଂଶଗ୍ରହଣ :**

ଗୋଷ୍ଠୀ ମଧ୍ୟରେ ଏବଂ କାର୍ଯ୍ୟକ୍ରମ ଗୁଡ଼ିକରେ ଓ ସେମାନଙ୍କ ପାଇଁ ଥିବା ସେବାକାର୍ଯ୍ୟ ଆଦିରେ ଅଂଶଗ୍ରହଣ କରିବା ଉପରେ ଶିଶୁମାନଙ୍କର ପୂର୍ଣ୍ଣ ଅଧିକାର ରହିଛି । ଏଥିରେ ପୁସ୍ତକାଗାର ଓ ଗୋଷ୍ଠୀମୂଳକ କାର୍ଯ୍ୟକ୍ରମ, ଯୁବକଯୁବତୀଙ୍କ ସ୍ୱରୋଉଳନ କାର୍ଯକ୍ରମ, ନିଷ୍ପତ୍ତି ଗ୍ରହଣ କାର୍ଯ୍ୟକ୍ରମ ପ୍ରଭୃତିରେ ଜଡ଼ିତ ହେବା ଆଦି ଅନ୍ତର୍ଭୁକ୍ତ ।

ଠିକ୍ ସେହିପରି ଭାବରେ ଶିଶୁ ଅଧିକାର ସୂଚନା ପରିବେଷ୍ଟନୀ (C.R.I.N) ଶିଶୁ ଅଧିକାରକୁ ଦୁଇ ଭାଗରେ ବିଭକ୍ତ କରିଅଛି, ଯଥା :- ପାରିପାର୍ଶ୍ୱିକ, ସାଂସ୍କୃତିକ ଓ ବିକାଶମୂଳକ ଅଧିକାର । ଉଚ୍ଚମାନର ଶୈକ୍ଷିକ ଅଧ୍ୟୟନ ଶିଶୁ ଅଧିକାରକୁ କେନ୍ଦ୍ରିଭୂତ କରେ । ନିମ୍ନଲିଖିତ ଅଧିକାରଗୁଡ଼ିକ ଶିଶୁମାନଙ୍କୁ ସ୍ୱାସ୍ଥ୍ୟବାନ ଓ ମୁକ୍ତ ଭାବରେ ବଢ଼ିବାରେ

ଟିପ୍ପଣୀ

ସାହାଯ୍ୟ କରିଥାଏ ।

- ବାକ୍ ସ୍ୱାଧୀନତା
- ଭାବନାରେ ସ୍ୱାଧୀନତା
- ଭୟମୁକ୍ତ ସ୍ୱାଧୀନତା
- ରୁଚିରେ ଏବଂ ନିଷ୍ପତ୍ତି ନେବାର ଅଧିକାରର ସ୍ୱାଧୀନତା
- ନିଜ ଶରୀର ଉପରେ ନିଜର ମାଲିକାନା ।

- ଶିକ୍ଷା ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟିତ୍ୱ । କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବେ ଶିକ୍ଷା ଅଧିକାର ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଏବଂ ପୁଞ୍ଜି ନିବେଶ କରିବା ନିମନ୍ତେ ଦାୟିତ୍ୱ ନେଇଅଛନ୍ତି ।
- ଶିକ୍ଷା ଅଧିକାର ଆଇନ୍‌ର ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ଆବଶ୍ୟକୀୟ ଖର୍ଚ୍ଚ ଓ ପୁଞ୍ଜି ମୂଲ୍ୟନିରୂପଣ କରିବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ।
- କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ, ସମୟାନୁକ୍ରମେ ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରି ନିର୍ଣ୍ଣୟ କରାଯାଇଥିବା ଖର୍ଚ୍ଚର ଆବଶ୍ୟକ ନିର୍ଦ୍ଧାରିତ ଅଂଶ ଅନୁଦାନ ରୂପେ ପ୍ରଦାନ କରିବେ ।
- ଶିକ୍ଷା ଅଧିକାର ଆଇନର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କଠାରୁ ପାଇଥିବା ପୁଞ୍ଜି ଓ ନିଜର ସମ୍ବଳ ମଧ୍ୟରୁ ପୁଞ୍ଜି ପ୍ରଦାନ କରିବା ପାଇଁ ଦାୟୀ ରହିବେ ।
- ୬ ବର୍ଷରୁ ୧୪ ବର୍ଷ ବୟସର ସମସ୍ତ ଶିଶୁମାନଙ୍କୁ ମାଗଣାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବାପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟିତ୍ୱ । ଏଠାରେ, ଆମେ ଭୁଲିଯିବା ଅନୁଚିତ୍ ଯେ, ସମସ୍ତଙ୍କୁ ଶିକ୍ଷାପ୍ରଦାନ କରିବାପାଇଁ ହେବାକୁ ଥିବା ବୃହତ୍ ଖର୍ଚ୍ଚପୂରଣ କରିବା ଏତେ ସହଜ ନୁହେଁ । ଏହି କାର୍ଯ୍ୟ ପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ କରିବା ଏକ ବିରାଟ ଆହ୍ୱାନ ।

ଟିପ୍ପଣୀ

**ସମ୍ପୃକ୍ତ ରାଜ୍ୟ ସରକାର ନିମ୍ନ ସୂଚୀତ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବେ :**

- ଉପର ନିର୍ଦ୍ଧାରିତ ବୟସର ସମସ୍ତ ଶିଶୁମାନଙ୍କୁ ଅନୁପ୍ରବେଶ, ଉପସ୍ଥିତି ଓ ପ୍ରାଥମିକ ଶିକ୍ଷା ସମାପ୍ତି ସୁନିଶ୍ଚିତ କରିବ । ଏହି କ୍ଷେତ୍ରରେ, ଶିକ୍ଷକ ଭାବରେ ଆମ୍ଭମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।
- ଘର ପାଖାପାଖି ଅଞ୍ଚଳରେ ବିଦ୍ୟାଳୟ ଉପଲବ୍ଧି ସୁନିଶ୍ଚିତ କରାଇବେ ।
- ପ୍ରାରମ୍ଭିକ ଶିକ୍ଷା ଗ୍ରହଣରେ ଶିଶୁମାନଙ୍କ ମଧ୍ୟରେ କୌଣସି ପ୍ରକାରର ଭେଦଭାବ ନ କରିବା ସୁନିଶ୍ଚିତ କରାଇବେ ।

ଏଠାରେ ଆମଠାରୁ ଏହିପ୍ରକାରର ଭେଦଭାବ ଅନୁଧ୍ୟାନ କରିବା ଆଶା କରାଯାଏ ।

ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପାଇଁ ପ୍ରତ୍ୟେକ ଶିଶୁମାନଙ୍କୁ ସବୁ ପ୍ରକାରର ଆସବାବପତ୍ର ଓ ଶୈକ୍ଷିକ ସୁବିଧା ଯୋଗାଇ ଦେବା । ଅନେକ ସମୟରେ ଆର୍ଥିକ ଦୂରାବସ୍ଥା କାରଣରୁ ଆମେ ଉତ୍ତମ ଆସବାବପତ୍ରର ସୁବିଧା ଯୋଗାଇ ପାରିନଥାଉ, ଏଠାରେ ପୁଣିଥରେ, ବିଭିନ୍ନ ଦିଗରୁ ଆର୍ଥିକ ସହାୟତା ଉପଲବ୍ଧ କରାଇବା ଆମ୍ଭମାନଙ୍କର ଦାୟିତ୍ୱ ।

- ପ୍ରତ୍ୟେକ ଶିଶୁଙ୍କୁ ଉଚ୍ଚମାନର ପ୍ରାରମ୍ଭିକ ଶିକ୍ଷା ଉପଲବ୍ଧ ସୁନିଶ୍ଚିତ କରାଇବା । ଗୁଣାତ୍ମକ ପ୍ରାରମ୍ଭିକ ଶିକ୍ଷା ପ୍ରଚଳନ ବଜାୟ ରଖିବା ଶିକ୍ଷକ ହିସାବରେ ଆମର କର୍ତ୍ତବ୍ୟ ।
- ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଶିକ୍ଷକଙ୍କୁ ତାଲିମ୍ ସୁବିଧା ପ୍ରଦାନ କରିବ । ଏହା ଶିକ୍ଷକମାନଙ୍କ ପାଇଁ ଏକ ଉତ୍ତମ ସୁଯୋଗ ଯେ ସେମାନଙ୍କୁ ଆବଶ୍ୟକୀୟ ଶିକ୍ଷା ଯୋଗ୍ୟତା (ତାଲିମ୍) ଏହା ମାଧ୍ୟମରେ ମିଳିପାରିବ ଯାହାକି ସଫଳତାର ସହିତ ଶିକ୍ଷାଦାନ କରିବାରେ ସହାୟକ ହେବ । ଶିକ୍ଷକ ଭାବରେ ସ୍ଥାୟୀତ୍ୱ ମଧ୍ୟ ଏହା ପ୍ରଦାନ କରିବ ।

ଟିପ୍ପଣୀ

## ୩.୭ ସାରାଂଶ

ଏହି ବିଭାଗରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ଉପରେ ଧାରଣା ଓ ଏହାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ ଯାହାର ଅର୍ଥ ସମସ୍ତ ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ଉପଲବ୍ଧ କରାଇବା, ଭାରତ ସମ୍ବିଧାନ ଅନୁଚ୍ଛେଦ-୪୫ରେ ୬ରୁ ୧୪ବର୍ଷ ବୟସର ଶିଶୁମାନଙ୍କ ପାଇଁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା । ଏହି ବ୍ୟବସ୍ଥା ଓ ଅନ୍ୟ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକର ମଧ୍ୟ ଆବଶ୍ୟକ ସମୀକ୍ଷା କରାଯାଇଅଛି । ୨୦୦୨ ମସିହାରେ ଭାରତ ସଂସଦ ୮୬ତମ ସମ୍ବିଧାନିକ ସଂଶୋଧନ କରି ଅନୁଚ୍ଛେଦ-୨୧ କ ମଧ୍ୟ ଏଥିରେ ଅନ୍ତର୍ନିବିଷ୍ଟ କରାଯାଇଛି ଯାହାକି ଶିକ୍ଷା ଅଧିକାରକୁ ୬ରୁ ୧୪ ବର୍ଷ ବୟସର ଶିଶୁମାନଙ୍କର ମୌଳିକ ଅଧିକାରରେ ପରିଣତ କରିଅଛି । ତୁମ୍ଭେମାନେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଲକ୍ଷ ସାଧନର ହାସଲ ନ ହେବାର କାରଣଗୁଡ଼ିକ ବିଷୟରେ ମଧ୍ୟ ପଢ଼ିସାରିଛ ।

୧୯୫୯ ମସିହାରେ ମିଳିତ ଜାତିସଂଘ ଆମେରିକା ଶିଶୁ ଅଧିକାର ଆଇନ ବଞ୍ଚି ରହିବାର ଅଧିକାର, ନାମ ଉପରେ ଓ ଜାତୀୟତା ଉପରେ ଅଧିକାର, ପୁଷ୍ଟିସାଧନ ଉପରେ ଅଧିକାର, ଭାବପ୍ରକାଶରେ ଅଧିକାର, ସ୍ୱାସ୍ଥ୍ୟ ଓ ସେବା ଉପରେ ଅଧିକାର, ଅବହେଳିତ ଓ ଉତ୍‌ପୀଡ଼ନଠାରୁ ସୁରକ୍ଷା ପାଇବାରେ ଅଧିକାର, ଶିକ୍ଷା ପାଇବାରେ ଅଧିକାର, ସୂଚନା ପ୍ରାପ୍ତିରେ ଅଧିକାର, ଗାଳିଗୁଲଜ ସୁରକ୍ଷା ପାଇବାରେ ଅଧିକାର ଏବଂ ଆମୋଦ ପ୍ରମୋଦ ପାଇବା ଆଦି ଶିଶୁମାନଙ୍କର କେତେକ ମୁଖ୍ୟ ଅଧିକାର ଘୋଷଣା କରିଥିଲା । ୨୦୦୯ରେ, ସଂସଦ ଶିକ୍ଷା ସମ୍ବନ୍ଧରେ ଗୋଟିଏ ଐତିହାସିକ ଆଇନ୍ ପ୍ରଚଳିତ କରିଥିଲା ଯାହାକି ଶିକ୍ଷା ଅଧିକାର ଆଇନ୍ ୨୦୦୯ ଭାବରେ ନାମିତ । ଆମ୍ଭେମାନେ ଶିକ୍ଷା ଅଧିକାର ଆଇନ୍ ୨୦୦୯ର ବ୍ୟବସ୍ଥାଗୁଡ଼ିକ ବିଷୟରେ ଓ ଏହି ଆଇନରେ ପ୍ରଣୟନ ହୋଇଥିବା କେତେଗୁଡ଼ିଏ ନିୟମଗୁଡ଼ିକ ବିଷୟରେ ମଧ୍ୟ ପଢ଼ିସାରିଛେ ।

ଶିକ୍ଷାକୁ ଗୋଟିଏ ସମବର୍ତ୍ତୀ ବିଷୟ ଭାବରେ ବିଚାର କରି ଏହି ବିଭାଗର ଶେଷ ଭାଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଏହି ଆଇନର କାର୍ଯ୍ୟକାରିତା ବିଷୟରେ ମଧ୍ୟ

ଆଲୋଚନା କରାଯାଇଅଛି ।

## ୩.୮ ସହାୟକ ଗ୍ରନ୍ଥ ଏବଂ ପ୍ରବନ୍ଧ


- en.wikipedia.org/wiki/Sarva_Shiksha_Abhiyan
- unesdoc.unesco.org/images
- Aggarwal, JC : Development of Education System in India
- www.tn.gov.in/schooleducation/contacts.htm


## ୩.୯. ପାଠାନ୍ତ ପ୍ରଶ୍ନାବଳୀ :

୧. ପ୍ରାଥମିକ ଶିକ୍ଷା ସାର୍ବଜନୀନକରଣର ଲକ୍ଷ୍ୟ ସାଧନ ନ ହେବାର କାରଣଗୁଡ଼ିକ ବର୍ଣ୍ଣନା କର ।

୨. ଶିକ୍ଷା ଅଧିକାର ଆଇନ ୨୦୦୯ର ୫ଟି ଅଧିକାର ବିଷୟରେ ବର୍ଣ୍ଣନା କର । ଶିକ୍ଷକ ଓ ଛାତ୍ରଛାତ୍ରୀମାନେ କିପରି ଉପକୃତ ହୋଇପାରିବେ ସେ ବାବଦରେ ତୁମର ମତାମତ ପ୍ରଦାନ କର ।